ଧରିତ୍ରୀ
DHARITRI
June 9-15, 2019 ₹ 2/-





# ଖୋଷା

ପ୍ରଚ୍ଛଦ ପ୍ରସଙ୍ଗ

୩

କେଶ ବିନ୍ୟାସ ଭିତରେ ଖୋଷା ହେଉଛି ଏପରି ଏକ କେଶ ବିନ୍ୟାସ, ଯାହା ଆରମ୍ଭରୁ ଆଜିଯାଏ ରହିଆସିଛି। ତେବେ ସମୟ ଓ ପୋଷାକ ପରିଚ୍ଛଦକୁ ନେଇ ଯାହା ବଦଳେଇ ଦେଇଛି ତାର ପରିପାଟୀ। ତେବେ ଏତିକି ଯେ, ଖୋଷା ଯେମିତି ଯେଉଁ ରୂପରେ ଆସିଲେ ବି ନାରୀକୁ କରିଛି ରୂପମୟୀ...

୧୩

ସହରଠୁ ଦୂର





୮/୯

ସିନେମା



# ଆତ୍ମବିଶ୍ୱାସ ଫେରିପାଇବାକୁ ହେଲେ...



✲ କୌଣସି କାର୍ଯ୍ୟରେ ଅସଫଳ ହେବା ପରେ ଭାଙ୍ଗି ନ ପଡି ସେଥିରୁ ଉଚିତ ଶିକ୍ଷା ଲାଭ କରି ଆଗକୁ ବଢ଼ିବା ଲାଗି ଚେଷ୍ଟା କରନ୍ତୁ ।

✲ କିଛି ଭୁଲ ହୋଇଯିବ ଭାବି ପଛଘୁଞ୍ଚା ଦେବା ଅପେକ୍ଷା କାମଟିକୁ ଆତ୍ମ ବିଶ୍ୱାସର ସହ ଶେଷ କରିବା ପାଇଁ ଚେଷ୍ଟା କରନ୍ତୁ ।

✲ ଅସଫଳତା ପଛର କାରଣ ଖୋଜି ବାହାର କରନ୍ତୁ ଏବଂ ତାକୁ ସୁଧାରିବା ପାଇଁ ବଦ୍ଧପରିକର ହୁଅନ୍ତୁ ।

✲ ନିଜର ଦୋଷ ଦୁର୍ବଳତାକୁ ଚିହ୍ନନ୍ତୁ ଏବଂ ତାକୁ ଦୂର କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରନ୍ତୁ ।

✲ ନିଜର ସାମର୍ଥ୍ୟକୁ ଚିହ୍ନନ୍ତୁ ଏବଂ ସେଇଟିକୁ ଉପଯୋଗ କରି ଅନ୍ୟମାନଙ୍କଠାରୁ ଭିନ୍ନ ହେବାକୁ ଚେଷ୍ଟା କରନ୍ତୁ ।

✲ ପୂର୍ବରୁ ଲାଭ କରିଥିବା ସଫଳତାକୁ ମନେ ପକାନ୍ତୁ ଏବଂ ତାକୁ ଉଦାହରଣ ଭାବେ ଗ୍ରହଣ କରି ଆଗକୁ ବାଟ ଚାଲନ୍ତୁ ।

✲ କିଛି କାମ ଆରମ୍ଭ କରିବା ପୂର୍ବରୁ ନିଜେ କନ୍‌ଫିଡେଣ୍ଟ ଅଛନ୍ତି ବୋଲି କଳ୍ପନା କରନ୍ତୁ ।

✲ ସଫଳତା ପାଇବା ପରେ ଲୋକେ କିଭଳି ଭାବେ ଆପଣଙ୍କୁ ଅଭିବାଦନ ଦେବେ ଏବଂ ପ୍ରଶଂସା କରିବେ ସେ ବିଷୟରେ ମଧ୍ୟ ଭାବି ନିଜର ଆତ୍ମବିଶ୍ୱାସକୁ ସୁଦୃଢ କରିପାରିବେ ।

✲ ଆତ୍ମବିଶ୍ୱାସ କମ୍ କରାଉଥିବା କାର୍ଯ୍ୟଗୁଡିକୁ ବାରମ୍ବାର ସାମ୍ନା କରନ୍ତୁ। ଏପରି କଲେ ଆପଣଙ୍କ ଭୟ ଛାଡିବ ଏବଂ ଆପଣ କନ୍‌ଫିଡେଣ୍ଟ ଫିଲ କରିବେ ।

✲ ନିଜକୁ ପ୍ରମାଣ ଦେବାର ସୁଯୋଗ ଆଦୌ ହାତଛଡା କରନ୍ତୁ ନାହିଁ । ପୂର୍ଣ୍ଣ ପ୍ରସ୍ତୁତି ସହ ନିଜକୁ ସମସ୍ତଙ୍କ ସାମ୍ନାରେ ଉପସ୍ଥାପନ କରନ୍ତୁ ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୯-୧୫

**ମେଷ** – ବିଳାସପ୍ରିୟ ହେବେ, ବନ୍ଧୁମିଳନ ଘଟିବ, ଅଭାବ ରହିବନି, ଶୁଭଖବର ମିଳିବ, ପରିବାରରେ ଝଗଡ଼ା, ପଡ଼ୋଶୀଙ୍କ ଆକ୍ଷେପୋକ୍ତି, କର୍ମକ୍ଷେତ୍ରରେ ସମସ୍ୟା, ସ୍ୱାସ୍ଥ୍ୟ ଭଲ ରହିବ, ବିବାଦରେ ପଶନ୍ତୁ ନାହିଁ ।

**ବୃଷ** – ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ, ସୁଖ, ସମ୍ମାନ ପାଇବେ, ଖର୍ଚ୍ଚଭାର ବଢ଼ିବ, ବନ୍ଧୁ ସାହାଯ୍ୟ କରିବେ, ସହକର୍ମୀଙ୍କ ବିରୋଧ, ବିବାଦରେ ବିଜୟ, ସମସ୍ୟା ସମାଧାନ, କରଜ କରିପାରନ୍ତି, ଯାତ୍ରାରେ ଲକ୍ଷ୍ୟପୂରଣ ।

**ମିଥୁନ** – ବିବାଦରେ ଜୟଲାଭ, ପ୍ରିୟଜନଙ୍କ ସାନ୍ନିଧ, ପରୋକ୍ଷ ଶତ୍ରୁତାରୁ ଚିନ୍ତା, ବ୍ୟବସାୟରୁ ଲାଭ, ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା, ରାଜନୈତିକ ପଦମର୍ଯ୍ୟାଦା, ବିଳାସ ଉପକରଣ କ୍ରୟ, ଅର୍ଥସଙ୍କଟ, ଯାନବାହନରେ କ୍ଷତି ।

**କର୍କଟ** – ଦୈହିକ ସୁସ୍ଥତା, ମିତ୍ରଲାଭ, ପଡ଼ୋଶୀଙ୍କ ଉଦାରତା, ଯାନବାହନ ଲାଭ, ସଭାସମିତିରେ ବିତର୍କ, ଆନୁଷ୍ଠାନିକ କାର୍ଯ୍ୟ, ମାମଲା ବଢ଼ିପାରେ, ସାଂସ୍କୃତିକ କାର୍ଯ୍ୟରୁ ପ୍ରଶଂସା, ବ୍ୟବସାୟିକ ସଫଳତା, ଯାତ୍ରାରେ ଦ୍ୱନ୍ଦ୍ୱ ।

**ସିଂହ** – ସମସ୍ୟାର ପରିସମାପ୍ତି, ଅର୍ଥଲାଭରୁ ଆନନ୍ଦ, ଉଚ୍ଚପଦବୀ ପ୍ରାପ୍ତି, ପ୍ରିୟବନ୍ଧୁଙ୍କ ସାନ୍ତ୍ୱନା, ସାମାଜିକ ସମ୍ମାନ, ସାହିତ୍ୟ କ୍ଷେତ୍ରରେ ସୁନାମ, ପସନ୍ଦ ଜିନିଷ ପାଇବେ, ବିଦେଶଯାତ୍ରାର ସୁଯୋଗ, ବସ୍ତ୍ରଭୂଷଣ ଲାଭ, ଧର୍ମକାର୍ଯ୍ୟରେ ରୁଚି ।

**କନ୍ୟା** – ବନ୍ଧୁଙ୍କ ସହଯୋଗ, କାର୍ଯ୍ୟସିଦ୍ଧି, ଆର୍ଥିକ ଉନ୍ନତି, ନୂତନ କର୍ମାରମ୍ଭ, ପରିଶ୍ରମରୁ ଅବସାଦ, ସାଂଗଠନିକ ସଫଳତା, ପ୍ରକାଶନରେ ସମସ୍ୟା, ଆଇନ ସହାୟତା ପ୍ରାପ୍ତି, ନୂତନ ସମ୍ପର୍କ, ଆତ୍ମୀୟଙ୍କ ଅନାଦର ।

**ତୁଳା** – ଉଦ୍ୟମରେ ସଫଳତା, ନୂତନ ଗୃହ, ଯାନ୍ତ୍ରିକ ଜିନିଷ ଲାଭ, କର୍ମକ୍ଷେତ୍ରରେ ପ୍ରଶଂସା, ସଙ୍କଟ ଦୂରୀଭୂତ ହେବ, ରପ୍ତାନୀବାଣିଜ୍ୟରୁ ଲାଭ, ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା, ମନୋରଞ୍ଜନରେ ଅଭିରୁଚି, ସାମ୍ବାଦିକତାରେ ଗୌରବ ।

**ବିଛା** – ଆରୋଗ୍ୟଲାଭ, ମାଙ୍ଗଳିକ କାର୍ଯ୍ୟ, ଉନ୍ନତ ଚିନ୍ତା, ସମ୍ପର୍କ ହାନି , ପରିବାରରେ ଅଶାନ୍ତି, ନିୟନ୍ତ୍ରିତ ରୋଗପୀଡ଼ା, ଜମିଜମା କ୍ରୟବିକ୍ରୟ, ସଭାସମିତିକୁ ନିମନ୍ତ୍ରଣ, ସ୍ଥଗିତ ଯାତ୍ରା , ଶୁଭଖବର ପାଇବେ, ସମସ୍ୟା ସୁଧୁରିବ ।

**ଧନୁ** – ମାନସିକ ଅସ୍ଥିରତା, ବନ୍ଧୁଙ୍କ ବିରୋଧ, ପାରିବାରିକ ଅସହଯୋଗ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, କ୍ରୀଡ଼ା ସଙ୍ଗୀତରେ ରୁଚି, କଚେରି ମାମଲାରେ ଫାଇଦା, ଧର୍ମକାର୍ଯ୍ୟରେ ବାଧା, ଯାତ୍ରାରେ ସଫଳତା ।

**ମକର** – ପ୍ରତିବନ୍ଧକ ହଟିଯିବ, ଦୁର୍ବଳତା ଲାଗି ରହିବ, ପଡ଼ୋଶୀଙ୍କ ଟାହିଟାପରା, କର୍ମକ୍ଷେତ୍ରରେ ପ୍ରଶଂସା । ଗୃହୋପଯୋଗୀ ଜମିଲାଭ, ଗବେଷଣାରେ ଅଗ୍ରଗତି, କଳାସାହିତ୍ୟରେ ସୁନାମ, ଅର୍ଥ ସଙ୍କଟରୁ ଚିନ୍ତା ।

**କୁମ୍ଭ** – ସାମୟିକ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ସ୍ୱାର୍ଥପରତା, କର୍ମକ୍ଷେତ୍ରରେ ବାଦବିବାଦ, ଧନହାନି, ନୂତନ ଯୋଜନା, ମାଲିମକଦ୍ଦମାରେ ବିଜୟ, ତୀର୍ଥାଟନ କରିବେ, ବ୍ୟବସାୟିକ ଉତ୍କର୍ଷ , ସନ୍ତାନଙ୍କ ବିଶୃଙ୍ଖଳା, ହିତୈଷୀଙ୍କ ପରାମର୍ଶ ।

**ମୀନ** – ମାନସିକ ଚାପବୃଦ୍ଧି, କର୍ମ ପରିସର ବଢ଼ିବ, ଅନ୍ୟମନସ୍କ ରହିବେ, ପାରସ୍ପରିକ ଦୋଷାରୋପ, ଭୁଲ୍ ବୁଝାମଣାରୁ କଳହ, ରାଜନୀତିରେ ଅନ୍ତର୍ଦ୍ୱନ୍ଦ୍ୱ, ବନ୍ଧୁଙ୍କ ସମର୍ଥନ । ଆତ୍ମୀୟଙ୍କ ଆଡ଼ରୁଷା, ଅଧସ୍ତନଙ୍କ ଅନୁରକ୍ତି ।

# ଭିଡିଓଗେମ୍ ଖେଳିଲେ ପଡିବ ଜୋରିମାନା

**ଆ**ଜିକାଲି ପିଲାଙ୍କ ପାଇଁ ଭିଡିଓଗେମ୍ ପାଲଟିଛି ସାଥୀ। ଘଣ୍ଟା ଘଣ୍ଟା ସେମାନେ ଏଇଥିରେ ବିତାଉଛନ୍ତି। କେବଳ ପିଲା ନୁହନ୍ତି ବଡ଼ମାନେ ବି ଏହାର ମାୟାରେ ପଡି ଯାଉଛନ୍ତି। ହେଲେ ଜାଣନ୍ତି କି ଏମିତି ଏକ ସ୍ଥାନ ଅଛି, ଯେଉଁଠି ଭିଡିଓ ଗେମ୍ ଖେଳିବା ଏକ ଅପରାଧ। ଏଥିପାଇଁ ଜରିମାନା ଦେବାକୁ ପଡିଥାଏ। ସେହି ସ୍ଥାନଟି ହେଉଛି ଗ୍ରୀସ୍। ଏଠାକାର ସରକାର ଦେଶସାରା ସବୁ ଇଲେକ୍ଟ୍ରୋନିକ୍ ଗେମ୍ ଉପରେ ନିଷିଦ୍ଧାଦେଶ ଜାରି କରିଛନ୍ତି। ଏମିତିକି ଘରେ ବସି କମ୍ପ୍ୟୁଟରରେ କି ମୋବାଇଲରେ ମଧ୍ୟ ଭିଡିଓ ଗେମ୍ ଖେଳିବା ନିଷେଧ। ଏହି ନିୟମ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ କ୍ଷେତ୍ରରେ ବି ଲାଗୁ। ତେଣୁ ଗ୍ରୀସ୍ ଭ୍ରମଣ ପାଇଁ ଇଚ୍ଛୁକ ବ୍ୟକ୍ତି ଏହି ନିୟମ ସମ୍ବନ୍ଧରେ ଜାଣିବା ନିହାତି ଜରୁରୀ। କାରଣ ଏହା ନ ଜାଣି ପାରି ଅନେକ ପର୍ଯ୍ୟଟକ ଭାରି ଜରିମାନା ଓ ଜେଲ୍ ଦଣ୍ଡ ବି ଭୋଗିଛନ୍ତି। ଇଣ୍ଟରନେଟ୍ କାଫେରେ ବି ଏହି ନିୟମ ଲାଗୁ। ଯଦି ଏଠାରେ କେହି ଇଣ୍ଟରନେଟ୍ ଚେସ୍ ବି ଖେଳନ୍ତି କାଫେ ମାଲିକଙ୍କୁ ଜରିମାନା ଦେବାକୁ ହୁଏ। ଏମିତିକି କାଫେ ବନ୍ଦ କରିଦିଆଯାଏ। ଗ୍ରୀସ୍ ସରକାର ଦେଶରେ ଚାଲିଥିବା ବେଆଇନ ଗ୍ୟାମ୍ବଲିଂ ରୋକିବାକୁ ଯାଇ ଏହି ନିଷିଦ୍ଧାଦେଶ ଜାରି କରିଥିଲେ।



# ପାଠକୀୟ

❖ବାତ୍ୟା ଆସେ, ଚାଲିଯାଏ। ହେଲେ ବାତ୍ୟାକୁ ସାମ୍ନା କରିଥିବା ମଣିଷର ବିପର୍ଯ୍ୟୟର ସୀମା ନ ଥାଏ। ତେବେ ବାତ୍ୟାର ପୂର୍ବାନୁମାନ ହେଇପାରିଲେ, ଅନେକ କ୍ଷୟକ୍ଷତିକୁ ରୋକି ଦେଇହେବ। ତେବେ କେମିତି ହୁଏ ବାତ୍ୟାର ପୂର୍ବାନୁମାନ, କେମିତି ଥାଏ ବାତ୍ୟା ପରର ପରିବେଶ ଓ କେମିତି ସାମ୍ନା କରିବାକୁ ହୁଏ ତା'ପରର ସ୍ଥିତିକୁ। ଏମିତି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ବାତ୍ୟା ବୃତ୍ତାନ୍ତ'ଟି ଏକ ଉଚ୍ଚକୋଟିର ଆଲେଖ୍ୟ ଥିଲା।

*–ରାକେଶ ବରାଳ, ସମ୍ବଲପୁର*

❖ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ବାତ୍ୟା ବୃତ୍ତାନ୍ତ'ରୁ ଅନେକ ଅଜଣା କଥା ଜାଣିହେଲା। 'ମାଇକ୍ରୋ ସନ୍‌ଗ୍ଲାସ୍' ଲାଇଫ୍ ଷ୍ଟାଇଲ୍‌ର ଏକ ନୂଆ ଟ୍ରେଣ୍ଡ ଭାବେ ଉଭା ହୋଇଥିବା କଥା ଜାଣି ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ 'ବିଜୟ ତେନ୍ଦୁଲକର'ଙ୍କ ଜୀବନ କାହାଣୀ ସମ୍ପର୍କରେ ପଢ଼ିବାକୁ ମିଳିବାରୁ ଧନ୍ୟବାଦ। ସେହିପରି ସୃଜନ ପୃଷ୍ଠାର ଗପ ଓ କବିତା ବି ମୋର ଖୁବ୍ ପସନ୍ଦ।

*–ତନୁଜା ସେଠୀ, ଖଣ୍ଡଗିରି, ଭୁବନେଶ୍ୱର*

❖ଛୁଟିଦିନର ସିନେମା ପୃଷ୍ଠାଟି ସବୁବେଳେ ବେଶ୍ ଆକର୍ଷଣୀୟ ହୋଇଥାଏ। ଏଥିରେ ସ୍ଥାନିତ ସେଲିବ୍ରିଟିମାନଙ୍କର ରିଲ୍ ଓ ରିୟଲ୍ ଲାଇଫ୍ ସମ୍ପର୍କିତ ତଥ୍ୟଗୁଡ଼ିକ ବେଶ୍ ନିଆରା ହୋଇଥାଏ। ଏଥରର ପ୍ରଥମ ରୋଜଗାର ସ୍ତମ୍ଭରୁ ହୋମିଓପାଥି ଡାକ୍ତର ତଥା ସାମାଜିକ କର୍ମୀ ପ୍ରେମଲତା ଦେବୀଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନ କିଣିନେଲା। 'ଦାମୀ ଉପହାର' ପାଠଟିରୁ କେଉଁ ସେଲିବ୍ରିଟି କାହାକୁ କେତେ ଦାମୀ ଉପହାର ଦେଇଛନ୍ତି ସେ ସମ୍ପର୍କରେ ଜାଣିହେଲା।

*–ରାକେଶ ମହାନ୍ତି, ଲିଙ୍କ୍ ରୋଡ, କଟକ*

❖ହାଃ ହାଃ ବେଶ୍ ମଜାଳିଆ ହୋଇପାରୁଛି। ସେହିପରି ସହର ପୃଷ୍ଠାରେ ସ୍ଥାନିତ ନୂଆନୂଆ ପର୍ଯ୍ୟଟନ ସ୍ଥଳୀ ସମ୍ପର୍କରେ ଅନେକ କିଛି ଜାଣି ହେଉଛି। ସେହିପରି ବ୍ୟାକ୍‌ପେଜ୍ ଓ ବିବିଧା ପୃଷ୍ଠାରେ ସ୍ଥାନିତ ଛୋଟ ଛୋଟ ପାଠଗୁଡ଼ିକ ବି ବେଶ୍ ଆଶ୍ଚର୍ଯ୍ୟକର ଲାଗୁଛି। ଯେମିତିକି 'ବିଦ୍ୟୁତ୍ ଖାଉଥିବା ମଣିଷ', 'କୋରାଲ୍ ରିଫ୍ ପାଇଁ ମତ୍ସ୍ୟକନ୍ୟା ବେଶ', 'ବେଲୁନ୍ କାରିଗରି', 'ଡ୍ରାଗନ୍ ଲ୍ୟାମ୍ପ' ଇତ୍ୟାଦି।

*–ମମତା ପ୍ରଧାନ, ଆଳି, କେନ୍ଦ୍ରାପଡ଼ା*

❖ଏଥରର ଯାତ୍ରା ପୃଷ୍ଠାରେ ସ୍ଥାନିତ 'ସ୍ୱାଭିମାନୀ ନାଟ୍ୟକାର', 'ସଫଳ ଯୋଡି ସୁବାସ-ମାମା' ଆଦି ପାଠ ଦୁଇଟିରୁ ଯାତ୍ରା ଜଗତ ସମ୍ପର୍କରେ କିଛିଟା ନୂଆ କଥା ଜାଣିହେଲା। କହିବାକୁ ଗଲେ ଛୁଟିଦିନର ପ୍ରତ୍ୟେକଟି ପୃଷ୍ଠାରେ କିଛି ନା କିଛି ଶିକ୍ଷଣୀୟ କଥା ରହୁଛି , ସେଥିପାଇଁ ଛୁଟିଦିନ ମୋର ଖୁବ୍ ପ୍ରିୟ।

*–ରଶ୍ମିତା ପାତ୍ର, କୋରାପୁଟ*

## ବିଶେଷ ଚିଠି



**ପ୍ର**ତି ରବିବାରେ ସଜେଇ ହୋଇ
ସବୁ ପାଠକଙ୍କ ମନ ଜିଣଇ
ସିନେ ଜଗତର ନୂଆ ଘଟଣା
ପାଠକଙ୍କୁ କରେ ସେ ଆନମନା।
ପ୍ରଚ୍ଛଦ ପ୍ରସଙ୍ଗ ପୃଷ୍ଠାରେ ତା'ର
ଖୋଲିଦିଏ ତା'ର ଜ୍ଞାନ ଭଣ୍ଡାର
ପ୍ରେମିକ ପ୍ରେମିକା ପାଖରେ ସିଏ
ସାଥୀ ହୋଇ ବାଟ କଢ଼ାଇନିଏ।
ସାହିତ୍ୟ ସ୍ରଷ୍ଟାଙ୍କ ସୃଷ୍ଟିକୁ ନେଇ
ସୃଜନ ପୃଷ୍ଠାରେ ଦିଅଇ ଥୋଇ
ନାଁ ତା'ର ଛୁଟିଦିନ
ହସହସ ମୁଖେ ସଭିଙ୍କର ପାଶେ
କରୁଥାଏ ବିଦ୍ୟା ଦାନ।

**–ଅଶୋକ ରାଉଳ,**
ଅଡ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଖୋଷା



**କେଶ ବିନ୍ୟାସ ଭିତରେ ଖୋଷା ହେଉଛି ଏପରି ଏକ କେଶ ବିନ୍ୟାସ, ଯାହା ଆରମ୍ଭରୁ ଆଜିଯାଏ ରହିଆସିଛି। ତେବେ ସମୟ ଓ ପୋଷାକ ପରିଚ୍ଛଦକୁ ନେଇ ଯାହା ବଦଳେଇ ଦେଇଛି ତାର ପରିପାଟୀ। ତେବେ ଏତିକି ଯେ, ଖୋଷା ଯେମିତି ଯେଉଁ ରୂପରେ ଆସିଲେ ବି ନାରୀକୁ କରିଛି ରୂପମୟୀ...**



ଶୃଙ୍ଗାର ପ୍ରିୟ ନାରୀ। ଏମିତି କୌଣସି ନାରୀ ନ ଥିବେ, ଯିଏ ଶୃଙ୍ଗାର ପ୍ରିୟ ନ ଥିବେ। ନାରୀର ଶୃଙ୍ଗାର ଭିତରେ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଦିଗ ହେଉଛି କେଶ ବିନ୍ୟାସ, ଯାହା ବିନା ଶୃଙ୍ଗାର ଅଧା। ବିଭିନ୍ନ କେଶ ବିନ୍ୟାସ ଭିତରେ ଖୋଷା ହେଉଛି ଏପରି ଏକ କେଶ ବିନ୍ୟାସ, ଯାହା ଆରମ୍ଭରୁ ଆଜିଯାଏ ରହିଆସିଛି। ତେବେ ସମୟ ଓ ପୋଷାକ ପରିଚ୍ଛଦକୁ ନେଇ ଯାହା ବଦଳେଇ ଦେଇଛି ତାର ପରିପାଟୀ। ପାରମ୍ପରିକ ଶାଢ଼ି ହେଉ ବା ଅତ୍ୟାଧୁନିକ ଗାଉନ୍ ସବୁଠି ଅଛି ଖୋଷା। ତେବେ ଏତିକି ତଫାତ୍ ହେଲା କେଉଁଠି କେମିତି କେଉଁ ରୂପରେ ଖୋଷା ନାରୀକୁ କରିଛି ରୂପମୟୀ।



ଦେହରେ ଶାଢ଼ି, ହାତରେ ଚୁଡ଼ି, ପାଦରେ ଅଳତା ପାଉଁଜି, ରଙ୍ଗ ଅଧର, କପାଳରେ ସିନ୍ଦୂରଟୋପା ସବୁ ସାଜ ଶୃଙ୍ଗାର ପରେ ବି ନାରୀଟିଏ ଅପରୂପା ଲାଗେନାହିଁ, ଯଦି ତା'ର କେଶ ବିନ୍ୟାସ ସୁନ୍ଦର ଭାବରେ ହୋଇନଥାଏ। ସେଥିପାଇଁ ବୋଧେ ଶୃଙ୍ଗାରରେ ମୁଖ୍ୟ ଭୂମିକା ନେଇଥାଏ କେଶ ବିନ୍ୟାସ।

**ଓଡ଼ିଆଣୀଙ୍କ କେଶ ବିନ୍ୟାସ:** କେଶ ବିନ୍ୟାସ ବିନା ଶୃଙ୍ଗାର ଅଧା। ତେବେ ଓଡ଼ିଆଣୀଙ୍କ କେଶ ବିନ୍ୟାସ କେବଳ ତାଙ୍କ ସୌନ୍ଦର୍ଯ୍ୟ ବଢ଼ାଏନି, ବରଂ ଏଥିରେ ଥାଏ ପରମ୍ପରାର କଥା, ମର୍ଯ୍ୟାଦାର କଥା। ପୁରା କାଳରେ ଓଡ଼ିଆ ଘରର ବୋହୂକୁ କେଶ ଖୋଲା ରଖିବା ଗ୍ରହଣଯୋଗ୍ୟ ନ ଥିଲା। କେଉଁ କେଉଁ ବାରରେ, କେଉଁ ସମୟରେ କେଶ ଖୋଲା ରଖିବ ତା' ଉପରେ ଥିଲା କଟକଣା। ଘରର ଗୁରୁଜନମାନଙ୍କର ବି ଏହା ଉପରେ ଥିଲା ତାଗିଦା। କେହି ଏହାକୁ ବିରୋଧ କଲେ ସେମାନେ ବିଭିନ୍ନ କାହାଣୀ ମାଧ୍ୟମରେ ବୁଝେଇ ଦେଉଥିଲେ ଯେ କେଶ ଖୋଲା ରଖିବା କ'ଣ ପାଇଁ ଉଚିତ ନୁହେଁ। ସେତେବେଳେ ମୁଖ୍ୟତଃ କେଶରେ ବେଣୀ ଆଉ ଖୋଷା କରିବାର ପରମ୍ପରା ରହିଥିଲା। ତେବେ ଗୃହିଣୀମାନେ ଖୋଷା କରିବାକୁ ବେଶୀ ପସନ୍ଦ କରୁଥିଲେ ଏବଂ ଖୋଷାକୁ କିପରି ଅଧିକ ଆକର୍ଷଣୀୟ କରିପାରିବେ, ସେ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ଏ ସଂପର୍କରେ ଅଠାଅଶୀ ବର୍ଷୀୟା ରାଧାମଣି ଦେବୀ କୁହନ୍ତି– ଆମ ସମୟରେ ଆମେ କେଶ ଖୋଲା ରଖି ଗୁରୁଜନଙ୍କ ସାମ୍ନାକୁ ଯାଉନଥିଲୁ। ସେଇଟା ଆମକୁ ମନା ଥିଲା। ତେଣୁ ବଡ଼ି ଅନ୍ଧାରରୁ ଉଠି ଆଗ ଆମେ ତେଲ ଲଗାଇ ବେଣୀ କରି ଖୋଷା ବାନ୍ଧୁଥିଲୁ। ବାନ୍ଧିବା ପରେ ତା' ଉପରେ ମୁଣ୍ଡକଣ୍ଟା ମାରି ଦେଉଥିଲୁ, ଯେମିତି ଖୋଷା ଖୋଲି ନଯାଏ। ଏହି ଖୋଷା ଦୁଇ ତିନି ଦିନ ଯାଏ ସେମିତି ରହିଥାଏ। ତେବେ କୌଣସି ପର୍ବ ପର୍ବାଣିରେ ବିଶେଷକରି ରଜରେ ଆମେ ଖୋଷାକୁ ଖୁବ୍ ସୁନ୍ଦର ଭାବରେ ବାନ୍ଧୁଥିଲୁ। ରଜ ପୂର୍ବଦିନ ଅର୍ଥାତ୍ ସଜବାଜ ଦିନ ମୁଣ୍ଡକୁ ବନମାଟି ନ ହେଲେ ଶୁଖିଲା କଦଳୀପତ୍ରକୁ ପୋଡ଼ି ସେଥିରେ କେଶ ସଫା କରୁଥିଲୁ। ରାତିରୁ ଉଠି ମୁଣ୍ଡରେ ତେଲ ଲଗାଇ ପାଲିସ କରି କୁଣ୍ଡାଇ ବେଣୀ କରୁଥିଲୁ। ତା'ପରେ ଖୋଷା ବନ୍ଧା ହେଉଥିଲା। ଖୋଷାରେ ରୁପା ମଲ୍ଲୀକଢ଼, ସୁନା ଫୁଲ ସାଙ୍ଗକୁ ବଉଳ ଫୁଲର ମାଳ ବି ଲଗାଉଥିଲୁ। କେବେକେବେ ମଲ୍ଲୀକଢ଼ ଓ ମଲ୍ଲୀଫୁଲର ମାଳ ବି ଲଗାଉଥିଲୁ। ରଜ ତିନିଦିନ ଏ ଖୋଷା ଖୋଲୁନଥିଲା। ଆଉ ଆମର ସେତେବେଳେ ସୁନ୍ଦର ଖୋଷା ପାରିବାକୁ ନେଇ ଭାରି ପ୍ରତିଯୋଗିତା ଥିଲା। କାହାର କେତେ ସୁନ୍ଦର ଆଉ ବଡ଼ ଖୋଷା ସେ ବିଷୟରେ ଚର୍ଚ୍ଚା ହେଉଥିଲା।





**ସମସ୍ତଙ୍କ ପ୍ରିୟ ଖୋଷା:** ତେବେ ଖୋଷାର ଗୁରୁତ୍ୱ କେବଳ ଓଡ଼ିଆଣୀର ଓଢ଼ଣା ତଳେ ନ ଥିଲା। ସହରୀ ନାରୀଙ୍କଠାରୁ

→




# ଖୋଷାଟିଏ କରିପାରେନି ବୋଲି ମନ ଦୁଃଖ ହୁଏ



ଆଗ କାଳରେ ସୁନ୍ଦର ଲମ୍ବା କେଶ ଯେଉଁମାନଙ୍କର ଥିଲା, ତାଙ୍କୁ ସୁଲକ୍ଷଣୀ ବୋଲି କୁହାଯାଉଥିଲା । କେଶରେ ତେଲ ଲଗାଇ ସୁନ୍ଦର ଭାବେ ସଜେଇ ରଖିବା ସେତେବେଳେ ଏକ କଳା ଥିଲା । ଛୁଆ ବେଳୁ ମୋର ଲମ୍ବା କେଶ । ମାଆ ନିଜେ ଘରେ ନଡିଆ ତେଲ ତିଆରି କରୁଥିଲେ । ଏହାଛଡା ଶିକାକାଇ, ମନ୍ଦାର ଫୁଲ, ରିଠା, ଅଁଳା ଆଦିକୁ ଶୁଖେଇ ବାଟି ତା'ର ଏକ ପେଷ୍ଟ ପ୍ରସ୍ତୁତ କରୁଥିଲେ, ଯାହା ଆମ କେଶରେ ଲଗାଯାଉଥିଲା । ତେଣୁ ମୋର ଲମ୍ବା ଘନ କେଶର କ୍ରେଡିଟ୍ ନିଶ୍ଚୟ ଭାବେ ମୋ ମା'ଙ୍କୁ ଦେବି। ତେବେ ପିଲାଦିନେ ମୋ ମାଆ ଅତି ଯତନରେ କେଶରେ ତେଲ ଲଗେଇ କୁଣ୍ଡେଇ ଦିଅନ୍ତି। ଖରାଦିନେ ଗରମ ଯୋଗୁଁ ଚୁଟିକୁ ଖୋଷା କରିଦେଉଥିଲେ ନ ହେଲେ ବେଣୀ କରି ତାକୁ ଗୋଲ ଗୋଲ ମୋଡି ଖୋଷା କରି କ୍ଲିପ୍ ଦେଇଦିଅନ୍ତି। ଯେତେ ଖେଳାଖେଳି କଲେ ମଧ୍ୟ ଖୋଷା ଜମା ବାହାରେ ନାହିଁ। ସେ ସେମିତି ଫିକ୍ସ ହୋଇ ରହିଥାଏ । ଖୋଷାକୁ ଆକର୍ଷଣୀୟ କରିବା ପାଇଁ ସେଥିରେ ମଲ୍ଲୀ, ରଜନୀଗନ୍ଧା, ଇଟିମଳା, ଚନ୍ଦ୍ରମଲ୍ଲୀ ଆଦି ଫୁଲ ସହ ମରୁଆ ପତ୍ରକୁ ଗୁନ୍ଥି ମାଳ କରି ଲଗାଯାଉଥିଲା । ଯେତେବେଳେ କୌଣସି ବିବାହ, ବ୍ରତ ବା ଆୱାର୍ଡ ଫଙ୍କସନ୍‌ରେ ଯାଉଥିଲି, ପାରମ୍ପରିକ ପୋଷାକ ସହ ଖୋଷା କରି ସେଥିରେ କୌଣସି ହେୟାର ଆସେସରିଜ୍ ବା ଫୁଲ ଗଜରା ଲଗାଉଥିଲି। କିନ୍ତୁ ଏବେ ଯେହେତୁ ମା' ମୋ ପାଖରେ ନାହିଁ, ତେଣୁ ଖୋଷା କରିବା, ଚୁଟିର ଯତ୍ନ ସେ ସବୁ ବହୁତ ମିଶ୍ କରେ । ଲମ୍ବା ଚୁଟି ବୋଲି ଯିଏ ଦେଖିଲା କୁହନ୍ତି ଖୋଲା ଚୁଟି ଥାଉ । ତେଣୁ ଲୋକଙ୍କ କଥା ରଖିବାକୁ ଯାଇ ଚୁଟି ଖୋଲା ରଖେ, କିନ୍ତୁ ଅନ୍ୟମାନଙ୍କୁ ଯେତେବେଳେ ଖୋଷା କରିବାର ଦେଖେ, ସେତେବେଳେ ବହୁତ ମନ ଦୁଃଖ ହୁଏ ଯେ ଏତେ ଲମ୍ବା ଚୁଟି ଥାଇ ବି ଖୋଷାଟେ କରିପାରୁନି।

**– ଜୟା ସ୍ୱାମୀ, ଅଭିନେତ୍ରୀ**



ଆରମ୍ଭ କରି ରୂପସୀ ଅଭିନେତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ରହିଛି ଖୋଷାର ଆଦର । ଏମିତିକି ଅତ୍ୟାଧୁନିକ ନାରୀମାନେ ବି ଖୋଷାରୁ ନିଜକୁ ବାଦ ଦେଇପାରି ନାହାନ୍ତି। ଅତ୍ୟାଧୁନିକ ପୋଷାକ ଓ ଗାଉନ୍ ଆଦିରେ ବି ସେମାନେ ଖୋଷାକୁ ସାମିଲ କରୁଛନ୍ତି। ଏମିତି କି ପାଶ୍ଚାତ୍ୟ ନାରୀମାନେ ବି ଖୋଷା ମୋହରୁ ନିଜକୁ ମୁକୁଳେଇ ପାରିନାହାନ୍ତି। ଯୁଗ ବଦଳିବା ସହିତ ସେମାନଙ୍କ ପରିପାଟୀରେ ପରିବର୍ତ୍ତନ ଆସିଛି। ପରିବର୍ତ୍ତନ ଆସିଛି ମଧ୍ୟ କେଶ ବିନ୍ୟାସରେ। କିନ୍ତୁ ଅଧୁନା ଯୁବତୀମାନେ ହୁଅନ୍ତୁ ବା ଘରର ଗୃହିଣୀମାନେ ଗରମରୁ ରକ୍ଷା ପାଇବା ପାଇଁ ହେଉ ବା ଇନ୍‌ଷ୍ଟାଣ୍ଟ ଷ୍ଟାଇଲିଂ ପାଇଁ ଚୁଟିକୁ ଟେକି ରବର ବ୍ୟାଣ୍ଡ ବା କ୍ଲଚର ସାହାଯ୍ୟରେ ବନେଇ ଦିଅନ୍ତି ଏକ ଖୋଷା। ତେଣୁ ଖୋଷାର ଚାହିଦା ସେବେ ବି ଥିଲା ଆଉ ଏବେ ମଧ୍ୟ ରହିଛି। କେବଳ ପରିବର୍ତ୍ତନ ଆସିଛି ଏହାର ଷ୍ଟାଇଲରେ । ବ୍ରାଇଡାଲ ହେୟାର ଡୁ ମାନେ ମହିଳାଙ୍କ ପ୍ରଥମ ପସନ୍ଦ ହେଉଛି ଜୁଡ଼ା ବା ଖୋଷା। ବିଭିନ୍ନ ପ୍ରକାର ହେୟାର ଆସେସରିଜ୍ ସହ ସତେଜ ତଥା ଆର୍ଟିଫିସିଆଲ ଫୁଲ ଲଗାଇ ପ୍ରସ୍ତୁତ କରାଯାଇଥିବା ଜୁଡ଼ା ବା ଖୋଷା ବ୍ରାଇଡାଲ ଲୁକ୍‌କୁ ଆଉ ଟିକିଏ ଆଟ୍ରାକ୍ଟିଭ କରିଦେଇଥାଏ। କେବଳ ବ୍ରାଇଡାଲ ଲୁକ୍ ନୁହେଁ, ଆଜିକାଲିର ୟଙ୍ଗ କଲେଜ ଗୋଇଙ୍ଗ ଗର୍ଲ ହୁଅନ୍ତୁ ବା ୱର୍କିଂ ଲେଡି, ଫର୍ମାଲ ଏବଂ କାଜୁଆଲ ଗେଟ୍‌ଅପ୍ ସାଙ୍ଗେ ଜୁଡ଼ା କରିବାକୁ ବେଶ୍ ପସନ୍ଦ କରୁଛନ୍ତି। ତେବେ ଆଜିକାଲି କେଉଁ ଷ୍ଟାଇଲର ଜୁଡ଼ା ଟ୍ରେଣ୍ଡରେ ଅଛି ଏବଂ ଏଥିଲାଗି କିଭଳି ଆସେସରିଜ୍ ମାର୍କେଟରେ ଉପଲବ୍ଧ ଅଛି ଆସନ୍ତୁ ଜାଣିବା–

**ଟ୍ରାଡିଶନାଲ ଜୁଡ଼ା:** ପାରମ୍ପରିକ ଭାରତୀୟ ବିବାହ କଥା ଯେତେବେଳେ ଆସେ, ସେତେବେଳେ ମହିଳାମାନେ ଟ୍ରାଡିଶନାଲ ଗେଟଅପ୍‌ରେ ନିଜକୁ ସଜେଇବା ପାଇଁ ବେଶ୍ ପସନ୍ଦ କରିଥା'ନ୍ତି। ତେବେ ଟ୍ରାଡିଶନାଲ ଆଉଟ୍‌ଫିଟ, ଜୁଏଲେରୀ, ମେକ୍‌ଅପ୍ ସହ ବେଶ୍ ଭଲ ମାନିଥାଏ ଟ୍ରାଡିଶନାଲ ଜୁଡା। ଆଜିକାଲି ଫ୍ୟାଶନରେ ଥିବା କିଛି ଟ୍ରାଡିଶନାଲ ଜୁଡା ବା ବନ୍ ମଧ୍ୟରେ କ୍ରିସ୍‌କ୍ରସ୍ ବନ୍, ଲୋ ବନ୍, ସାଇଡ୍ ପାର୍ଟେଡ୍ ରିଙ୍ଗଲେଟ ବନ୍, ଟ୍ୱିଷ୍ଟେଡ୍ ସାଇଡ୍ ବନ୍, ସେଣ୍ଟର ପାର୍ଟେଡ ବନ୍, ବୁକେ ବନ୍, ଫ୍ଲୋରାଲ ଅପ୍ ଡୁ ବନ୍, ରୋଜି ରିଙ୍ଗଲେଟ୍ ବନ୍, ଗଜରା କଭର୍ଡ ବନ୍ ଇତ୍ୟାଦି ମହିଳାମାନଙ୍କୁ ବେଶ୍ ପସନ୍ଦ ଆସୁଛି। ଶର୍ଟ, ମିଡିୟମ୍ ବା ଲଙ୍ଗ ଯେକୌଣସି ହେୟାର ଲେନ୍ଥରେ ଏହି ଜୁଡ଼ା ପ୍ରସ୍ତୁତ କରାଯାଇପାରୁଛି। ଶର୍ଟ ବା ମିଡିୟମ୍ ହେୟାର ଲେନ୍ଥ ପାଇଁ ହେୟାର ଏକ୍ସଟେନ୍‌ସନ ବ୍ୟବହାର କରାଯାଉଥିବା ବେଳେ ଲଙ୍ଗ ହେୟାର ପାଇଁ କୌଣସି ଏକ୍ସଟେନ୍‌ସନ ଦରକାର ପଡିନଥାଏ।

**ଫ୍ୟୁଜନ୍ ଜୁଡ଼ା:** ଆଜିକାଲିର ବିବାହ ଉତ୍ସବ ବିଭିନ୍ନ ଥିମ୍‌କୁ ନେଇ ଅନୁଷ୍ଠିତ ହେଉଛି। ଟ୍ରାଡିଶନାଲ ଥିମ୍ ସହ ଅନ୍ୟାନ୍ୟ ଥିମ୍‌କୁ ଫ୍ୟୁଜନ୍ କରି ବିବାହ ଉତ୍ସବ ଆୟୋଜନ କରାଯାଉଛି। ଏହିସବୁ ପାର୍ଟିରେ ଯୋଗ ଦେଉଥିବା ଅତିଥିମାନେ ମଧ୍ୟ ସ୍ୱତନ୍ତ୍ର ଡ୍ରେସ୍‌କୋଡ ପରିଧାନ କରି ଆସିବାର ନିୟମ ଥାଏ । ତେବେ ଫ୍ୟୁଜନ୍ ବେସ୍‌ଡ ପାର୍ଟିରେ ଯୋଗଦେଉଥିବା ବେଳେ ଫ୍ୟୁଜନ୍ ଆଉଟ୍‌ଫିଟ ଏବଂ ଜୁଏଲେରି ସହ ଫ୍ୟୁଜନ୍ ଜୁଡ଼ା ବେଶ୍ ଭଲ ମାନିଥାଏ। ଏହି ଫ୍ୟୁଜନ୍ ଜୁଡ଼ା ମଧ୍ୟରେ ସେନୋରିଟା ବନ୍, ଫ୍ରେଞ୍ଚ୍ ଟ୍ୱିଷ୍ଟ ବନ୍, କ୍ରାଉନ୍ ବ୍ରେଇଡ ସାଇଡ୍ ବନ୍, ମେସି ସାଇଡ୍ ବନ୍, ଗୋଲ୍ଡ ଫ୍ଲୋରାଲ ବନ୍, ପିନ୍ ଅପ୍ ବନ୍, ରୋଜ୍ ବନ୍, ବ୍ରେଇଡେଡ୍ ବନ୍, ଡଚ୍ ବ୍ରେଇଡ ବନ୍ ଆଦି ଖୁବ୍ ସୁନ୍ଦର ଲାଗିଥାଏ।

**ମଡର୍ନ ଜୁଡା:** ଆଜିକାଲିର ୟଙ୍ଗ କଲେଜ ଗୋଇଙ୍ଗ ଗର୍ଲ ବା କର୍ମଜୀବୀ ତରୁଣୀମାନେ କଲେଜ ବା ଅଫିସ୍ ଫଙ୍କଶନ୍, ରିସେପ୍ସନ ପାର୍ଟି ଆଦିରେ ମଡର୍ନ ଆଉଟଫିଟ୍ ପିନ୍ଧିବାକୁ ବେଶ ପସନ୍ଦ କରୁଛନ୍ତି। ତେବେ ଲଙ୍ଗ୍ ବା ଶର୍ଟ ଗାଉନ୍, ସ୍କର୍ଟ ଆଦିରେ ମଡର୍ନ ଷ୍ଟାଇଲ୍ ଜୁଡ଼ା ଏବେ ଭଲ ଟ୍ରେଣ୍ଡରେ ଅଛି। ତେବେ ମଡର୍ନ ଜୁଡ଼ା ମଧ୍ୟରେ ପୋନି ଟେଲ ଜୁଡା, ମଡର୍ନ ବ୍ରେଇଡେଡ୍ ବନ, ହାଫ୍ ୱେ କର୍ଲଡ୍ ଚିଗ୍ନୋନ୍ ବନ୍, ବିଗ୍ କର୍ଲଡ୍ କ୍ଲାସିକ୍ ବନ୍, ସ୍ଲିକର୍ ସାଇଡ୍ ବନ୍, କର୍ଲି ରୋଲ ବ୍ୟାକ୍ ହେୟାର ବନ୍, ସଫ୍ଟ ବ୍ୟାକ୍ ବନ୍, ଟ୍ୱିଷ୍ଟେଡ ଲୋ ବନ୍, ସାଇଡ ପିନ୍‌ଡ ବନ୍, ବାଲେରିନା ବନ୍, ଟପ୍ ନଟ୍ ବନ୍, ଲୋ ନେକ୍ ବନ୍, କ୍ଲାସିକ୍ ବନ୍ ୱିଥ୍ ଫ୍ରେଞ୍ଚ ଟ୍ୱିଷ୍ଟ, ଶେଲ ବନ୍, ବ୍ଲଣ୍ଡ ହେୟାର୍ ବନ୍, ଭିଣ୍ଟେଜ୍ ବନ୍, ଥ୍ରୀଡି ବନ୍‌କୁ ମହିଳାମାନେ ବେଶ୍ ପସନ୍ଦ କରୁଛନ୍ତି।

**ସମ୍ବଲପୁରୀ ଢଳିଆ ଖୋଷା:** ସମ୍ବଲପୁର ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳର ମହିଳାମାନଙ୍କ ପ୍ରିୟ ଢଳିଆ ଖୋଷା। ଏହା ଡାହାଣ କାନ ତଳକୁ ଢଳିକରି ରହିଥାଏ। ଖୋଷାର ଚାରିପାର୍ଶ୍ୱରେ ୮ ରୁ ୧୦ଟି ଖିରିପିନ୍ ସଦୃଶ କଣ୍ଟା ଖଞ୍ଜା ଯାଇଥାଏ। ଏଥିସହ ସିନ୍ଥି, ଗୁଜକାଠି, ଫିରିଫିରିଆ ଲଗାଯାଇଥାଏ। ମଝିରେ ଏକ ଗରା ଦିଆଯାଏ, ଯାହାକି ସମସ୍ତ କେଶକୁ ଜାବୁଡି କରି ରଖିଥାଏ। ଢଳିଆ କୋଷା ତିଆରି ହେଲା ପରେ ଉପରେ ରୁପାର ଚଉଁରି ଲଗାଇଥା'ନ୍ତି। ଏହା (ଚଉଁରି ମୁଡି) ଢଳିଆ ଖୋଷକୁ ଆହୁରି ସୁନ୍ଦର କରିଥାଏ। ସମ୍ପ୍ରତି ଏହା ଗ୍ରାମାଞ୍ଚଳରେ କାଁ ଭାଁ ଦେଖିବାକୁ ମିଳୁଛି। ଅପରପକ୍ଷେ ଏହି ଖୋଷା ସମ୍ବଲପୁର ଅଞ୍ଚଳର ଆଦିବାସୀ କରମା ନାଚରେ ଦେଖିବାକୁ ମିଳିଥାଏ। ଢଳିଆ ଖୋଷା ତିଆରି କରିବାକୁ ୧୦ ମିନିଟ ସମୟ ଲାଗିଥାଏ।

→









**ବଦଳିଛି ଖୋଷାର ଟ୍ରେଣ୍ଡ:**

ଖୋଷା ବା ଜୁଡ଼ା ମହିଳାଙ୍କ ପରିପାଟୀର ଏକ ଅଂଶବିଶେଷ। ଆଗ କାଳରେ ମହିଳାମାନେ ଚୁଟିରେ ତେଲ ଦେଇ ଖୋଷା ତିଆରି କରୁଥିଲେ। ତାକୁ ଫୁଲର ବିଭିନ୍ନ ପିନ୍, ଗଜରା, ଗୋଲାପ ଫୁଲ ଆଦି ଦ୍ୱାରା ସଜାଉଥିଲେ, ଯାହା ଦେଖିବାକୁ ଖୁବ୍ ସୁନ୍ଦର ମଧ୍ୟ ଲାଗୁଥିଲା। ତେବେ ଯୁଗ ପରିବର୍ତ୍ତନ ହେବା ସହ ଖୋଷା କରିବାର ଶୈଳୀରେ ମଧ୍ୟ ପରିବର୍ତ୍ତନ ଦେଖାଦେଲା। ସାଧାରଣ ଦେଖାଯାଉଥିବା ଖୋଷାକୁ ବିଭିନ୍ନ ଡିଜାଇନ୍ ମାଧ୍ୟମରେ ତାକୁ ଆକର୍ଷକ ରୂପ ଦିଆଯାଉଛି। ଏ ସମ୍ପର୍କରେ ଇଶାସ୍ ହର୍ବାଲର ମ୍ୟାନେଜିଂ ଡାଇରେକ୍ଟର ପ୍ରବୀଣା ତ୍ରିପାଠୀ କୁହନ୍ତି- ବିବାହ, ବ୍ରତ ଆଦି ଅବସରରେ ଯୋଗ ଦେବା ବେଳେ ମହିଳାମାନେ ଶାଢ଼ି, ଲେହେଙ୍ଗା ପିନ୍ଧିବାକୁ ବେଶ୍ ପସନ୍ଦ କରିଥା'ନ୍ତି। ତେବେ ଟ୍ରାଡିଶନାଲ ଶାଢ଼ି, ଲେହେଙ୍ଗା ସାଙ୍ଗେ ବେଶ୍ ଭଲ ମାନିଥାଏ ଖୋଷା ବା ଜୁଡ଼ା।



ମହିଳାମାନଙ୍କର ଏହି ଖୋସା କରିବା ରୁଚିକୁ ଦେଖି ହେୟାର ଷ୍ଟାଇଲ ଏକ୍ସପର୍ଟମାନେ ଖୋଷାକୁ ନେଇ ଅନେକ ପ୍ରକାର ଏକ୍ସପେରିମେଣ୍ଟ କରିବା ଆରମ୍ଭ କଲେ। ଶର୍ଟ ଏବଂ ମିଡିୟମ୍ ଲେଙ୍ଥ ଥିବା ଚୁଟିରେ ଟ୍ୟାସିଲ ବ୍ୟବହାର କରି ଖୋଷା ତିଆରି କରାଯାଉଥିବା ବେଳେ ଲଙ୍ଗ ହେୟାର ଲେଙ୍ଥ ଲାଗି ପ୍ରାୟତଃ ଏକ୍ସଟେନେସନ୍ ଦରକାର ପଡିନଥାଏ। ପୂର୍ବେ ଖୋଷା ଉଚ୍ଚା ବା ବଡ଼ ଦେଖାଯିବା ଲାଗି ସେଥିରେ ହେୟାର ପଫ୍, ହେୟାର ଡୋ ନଟ୍, ବାନାନା ବମ୍ ପିଟ୍, ଭଲ୍ୟୁମାଇଜର୍ ଆଦି ବ୍ୟବହାର କରାଯାଉଥିଲା। ଏହା ବହୁତ ହେଭି ଲାଗୁଥିଲା ଏବଂ କ୍ୟାରି କରିବାକୁ ଅସୁବିଧା ହେଉଥିଲା। କିନ୍ତୁ ବର୍ତ୍ତମାନର ମଡର୍ନ ଟେକ୍ନିକ୍ ଅନୁଯାୟୀ ଖୋଷା କରିବା ପୂର୍ବରୁ ପ୍ରଥମେ ଚୁଟିକୁ ପ୍ରସ୍ତୁତ କରାଯାଏ। ସ୍ପ୍ରେ ଜରିଆରେ ନ୍ୟାଚୁରାଲ ହେୟାରକୁ ଡମି ହେୟାରରେ ପରିଣତ କରାଯାଏ। ଏହାଦ୍ୱାରା ଚୁଟିକୁ ଯେପରି ଶେପ୍ ଦିଆଯିବ ତାହା ଫିକ୍ସ ହୋଇ ରହିବ। ସେହିଭଳି ଭାବେ ଚୁଟିକୁ ଓ୍ୱେଭ୍, କର୍ଲ, ରୋଜ୍ ଶେପ୍ ଦେଇ ଖୋଷାକୁ ବିଭିନ୍ନ ଡିଜାଇନ୍‌ରେ ସଜା ଯାଇଥାଏ। ଖୋଷା ପ୍ରସ୍ତୁତ ହୋଇଗଲା ପରେ ତାକୁ ଆଉ ଟିକିଏ ଆଟ୍ରାକ୍ଟିଭ କରିବା ପାଇଁ ସେଥିରେ ବିଭିନ୍ନ ଆସେସରିଜ୍ ଯଥା: ଆର୍ଟିଫିସିଆଲ ଫ୍ଲାଓ୍ୱାର, ଗୋଲ୍ଡ ଏବଂ ସିଲଭର ପ୍ଲେଟେଡ ହେୟାର ଜୁଏଲେରି, ପର୍ଲ, କ୍ରିଷ୍ଟାଲ, କପର୍ ବେଶ୍ ଜୁଡା ପିନ୍, ଆର୍ଟିଫିସିଆଲ ଜୁଡା ମେକର ଫ୍ଲାଓ୍ୱାର ଗଜରା, କୋମ୍ବ ହେୟାର କ୍ଲିପ୍ ଆଦି ଦ୍ୱାରା ଡେକୋରେଟ କରାଯାଇଥାଏ। ତେବେ ଆଜିକାଲି ମହିଳାମାନେ ଆର୍ଟିଫିସିଆଲ ଫ୍ଲାଓ୍ୱାର ଅପେକ୍ଷା ନ୍ୟାଚୁରାଲ ଫ୍ଲାଓ୍ୱାରକୁ ବେଶୀ ପସନ୍ଦ କରୁଛନ୍ତି। ତେଣୁ ଖାସ୍ ଖୋଷା ପାଇଁ ଆମେ ନ୍ୟାଚୁରାଲ ଫ୍ଲାଓ୍ୱାର ଯଥା ଗୋଲାପ, ଅର୍କିଡ୍, ମଲ୍ଲୀ, ରଜନୀ ଗନ୍ଧା, ଚମ୍ପା ତଥା ବିଭିନ୍ନ ପ୍ରକାର ପତ୍ରକୁ ବ୍ୟବହାର କରିଥାଉ।

ପ୍ରକୃତରେ ଖୋଷା ତା'ର ସୌନ୍ଦର୍ଯ୍ୟରେ ନାରୀକୁ ଏତେ ସୌନ୍ଦର୍ଯ୍ୟମୟୀ କରିଦିଏ ଯେ ତା'ଠାରୁ କୌଣସି ନାରୀ ଚାହିଁଲେ ବି ନିଜକୁ ଦୂରେଇ ଦେଇପାରେନାହିଁ।

**—ରୋଜାଲିନ ମହାନ୍ତି, ଲିପ୍‌ସା ବିଶୋଇ**

## ଆଜି ବି ଖୋଷା କଲେ ଗଜରା ବା ଗୋଲାପ ଫୁଲଟିଏ ଲଗାଇବାକୁ ଆଦୌ ଭୁଲେନାହିଁ

ଖୋଷା ବା ଜୁଡ଼ା ଆମ ଓଡ଼ିଆ ସଂସ୍କୃତିର ପରିଚୟ ବହନ କରେ। ପୁରାଣ ଯୁଗରୁ ଏହା ଆମ ସଂସ୍କୃତି ସହ ସଂଶ୍ଳିଷ୍ଟ ହୋଇଆସିଛି। କୌଣସି ପାରମ୍ପରିକ ନୃତ୍ୟ ପରିବେଷଣ ହେଉ ବା କୌଣସି ପର୍ବପର୍ବାଣି ନାରୀମାନେ ନିଜ ଶୃଙ୍ଗାରର ଏକ ଅଂଶ ବିଶେଷଭାବେ ଖୋଷାକୁ ସାମିଲ କରିଥା'ନ୍ତି। ମନେଅଛି ପିଲାଦିନେ ରଜ ବା କୁମାରପୂର୍ଣ୍ଣମୀ ଅବସରରେ ଆମେ ଝିଅମାନେ ନୂଆ ଡ୍ରେସ୍ ପିନ୍ଧି, ଅଳତା, କୁମ୍‌କୁମ୍ ଲଗାଇ ମୁଣ୍ଡରେ ଖୋଷା ସାଙ୍ଗକୁ ମଲ୍ଲୀଫୁଲ ବା ଗଜରା ଫୁଲର ମାଳ ଲଗାଇ ଉତ୍ସୁକତାର ସହ ପର୍ବ ପାଳନ କରୁଥିଲୁ। ପିଠାପଣା ସହ ନାଚଗୀତର ଆସର ଜମୁଥିଲା। ଛୋଟଥିଲୁ, ଯେହେତୁ ନିଜେ ନିଜେ ଖୋଷା ବାନ୍ଧିବା ସମ୍ଭବ ହେଉନଥିଲା, ତେଣୁ ମା'ମାନେ ଆମକୁ ସଜ କରିଦେଉଥିଲେ। ତା'ପରେ ଖୋଷାରେ ଲାଗିଥିବା ସେ ମଲ୍ଲୀ ଆଉ ରଜନୀଗନ୍ଧାର ବାସ୍ନାରେ ଚଉଦିଗ ମହକି ଉଠୁଥିଲା। ଏବେବି ଯେବେ ପର୍ବପର୍ବାଣି ଅବସରରେ ସେ ସବୁ ସ୍ମୃତି ମନେପଡେ, ସେହି ଦିନକୁ ପୁଣି ଫେରିଯିବାକୁ ଇଚ୍ଛା ହୁଏ। ଯୁଗ ବଦଳିଲାଣି। ତା' ସହ ଆମ ଚାଲିଚଳଣି, ବେଶଭୁଷା ମଧ୍ୟ ବଦଳିଲାଣି। ତେବେ ଯେବେ ବି କେବେ ମତେ ସୁଯୋଗ ମିଳେ ଖୋଷା ବାନ୍ଧିବାର ମୁଁ କଦାପି ସେ ସୁଯୋଗ ହାତଛଡା କରେନି। ଟିଭି ପ୍ରୋଗ୍ରାମ ପାଇଁ କୌଣସି ଶୁଟିଂ କରିବା ଅବସରରେ ହେଉ ବା କୌଣସି ବିବାହ ବା ବ୍ରତରେ ଯୋଗଦେବା ଅବସରରେ ପାରମ୍ପରିକ ଶାଢ଼ି ସହ ଖୋଷା କରିବାକୁ ଭଲପାଏ। ଆଉ ଖୋଷା ସହ ଗଜରା ବା ଗୋଲାପ ଫୁଲଟିଏ ଲଗାଇବାକୁ ଆଦୌ ଭୁଲେନାହିଁ।

**—ଗୀତା ଦାଶ, କଣ୍ଠଶିଳ୍ପୀ**









# ଅରବିନ୍ଦ ଆଡ଼ିଗା


ଭାରତୀୟ ସାହିତ୍ୟରେ ଏକ ଅତି ପରିଚିତ ନାମ ଅରବିନ୍ଦ ଆଡ଼ିଗା। ପେସାରେ ଜଣେ ଜର୍ନାଲିଷ୍ଟ ହୋଇଥିଲେ ମଧ୍ୟ ତାଙ୍କର ନିଶା ହେଉଛି ସାହିତ୍ୟ ରଚନା କରିବା। ମୁଖ୍ୟତଃ ଗଳ୍ପ ଉପନ୍ୟାସ ରଚନାରେ ରୁଚି ରଖୁଥିବା ଏହି ଯୁବ ଔପନ୍ୟାସିକ ଭାରତର ସାହିତ୍ୟକୁ କେବଳ ଭାରତ ମଧ୍ୟରେ ସୀମିତ ରଖିନାହାନ୍ତି; ଅଧିକନ୍ତୁ ସେ ବିଦେଶରେ ଭାରତୀୟ ସାହିତ୍ୟର ବିଜୟ ପତାକା ଉଡ଼େଇବାରେ ସଫଳ ହୋଇଛନ୍ତି। ଏସବୁ ଘଟିଛି ତାଙ୍କର ପ୍ରଥମ ଉପନ୍ୟାସ 'ଦ ହ୍ୱାଇଟ୍ ଟାଇଗର' ପାଇଁ। ଉଲ୍ଲେଖଯୋଗ୍ୟ ଯେ, 'ଦ ହ୍ୱାଇଟ୍ ଟାଇଗର' ଉପନ୍ୟାସ ପାଇଁ ଆଡ଼ିଗାଙ୍କୁ ମିଳିଥିଲା ୨୦୦୮ ମସିହାର ସମ୍ମାନଜନକ ମ୍ୟାନ୍ ବୁକର ଆୱାର୍ଡ। ଏକ ବିଷମ ସନ୍ଧିକ୍ଷଣରେ ଅଟକି ଯାଇଥିବା ଭାରତର ସାମାଜିକ ଅର୍ଥନୀତିକୁ ବେଶ୍ ମାର୍ମିକ ଢଙ୍ଗରେ ଉପସ୍ଥାପନ କରି ନିଜକୁ ବୁକ୍‌ର ତାଲିକାରେ ସାମିଲ୍ କରିବାରେ ସଫଳ ହୋଇଥିଲେ ଆଡ଼ିଗା। ତାଙ୍କ ସହିତ ଭାରତୀୟ ଯୁବ ସାହିତ୍ୟ ବି ସାମିଲ୍ ହୋଇ ଯାଇଥିଲା ବିଶ୍ୱର ଏକ ବୃହତ୍ତର ପାଠକ ଗୋଷ୍ଠୀ ମଧ୍ୟରେ। ନୂଆ ଚିନ୍ତାଧାରା, ନୂତନ ଶୈଳୀ ତଥା ନିମ୍ନ ମଧ୍ୟବିତ୍ତର ଜୀବନ ଶୈଳୀକୁ ନିଜର ପ୍ରତ୍ୟେକ ଲେଖାରେ କଞ୍ଚାମାଲ ଭାବରେ ଗ୍ରହଣ କରନ୍ତି ଆଡ଼ିଗା। ସେଥିଲାଗି ତାଙ୍କ ରଚନା ସବୁରେ ଗୋଟେ ନିଛକ ଭାରତୀୟତା ବାରି ହୋଇ ପଡ଼ିଥାଏ ବୋଲି କହିଲେ ଆଦୌ ଅତ୍ୟୁକ୍ତି ହେବନାହିଁ।


**ପିଲାବେଳ ଓ ପାଠପଢ଼ା :** ୧୯୭୪ ମସିହା ଅକ୍ଟୋବର ୨୩ ତାରିଖରେ ମାଡ୍ରାସ (ବର୍ତ୍ତମାନର ଚେନ୍ନାଇ)ଠାରେ ଜନ୍ମଗ୍ରହଣ କରିଥିଲେ ଅରବିନ୍ଦ ଆଡ଼ିଗା। ବାପା ଡ. କେ. ମାଧବ ଆଡ଼ିଗା ଏବଂ ମା' ଉଷା ଆଡ଼ିଗା। ଉଭୟ ମାଧବ ଏବଂ ଉଷା ଥିଲେ ମାଙ୍ଗାଲୋରର ଅଧିବାସୀ। ତାଙ୍କର ଜେଜେବାପା କେ. ସୂର୍ଯ୍ୟନାରାୟଣ ଆଡ଼ିଗା ଥିଲେ କର୍ନାଟକ ବ୍ୟାଙ୍କର ପୂର୍ବତନ ଚେୟାରମ୍ୟାନ। ଏଥିସହିତ ତାଙ୍କର ଅଜା ୟୁ. ରାମାରାଓ ଥିଲେ ଜଣେ ପ୍ରସିଦ୍ଧ ଡାକ୍ତର ଏବଂ ମାଡ୍ରାସ୍ କଂଗ୍ରେସର ଜଣେ ପ୍ରମୁଖ ସଦସ୍ୟ। ଆଡିଗାଙ୍କର ପିଲାବେଳ କଟିଛି ମାଙ୍ଗାଲୋରରେ। ସେ ମାଙ୍ଗାଲୋରରେ ତାଙ୍କର ହାଇସ୍କୁଲ ଶେଷ କରିଛନ୍ତି। ପୁଣି ସେଠାରେ ବି ତାଙ୍କର କଲେଜ ପଢ଼ା ଶେଷ ହୋଇଛି। ତଥ୍ୟ ଅନୁଯାୟୀ ପ୍ରଥମରୁ ଖୁବ୍ ଅଧ୍ୟୟନ ପିପାସୁ ଥିଲେ ଆଡ଼ିଗା। ପରୀକ୍ଷାରେ ସେ ସବୁବେଳେ ପ୍ରଥମରେ ରହୁଥିଲେ। କଲେଜ ପଢ଼ା ସରୁସରୁ ତାଙ୍କ ପରିବାର ଭାରତ ଛାଡ଼ି ଅଷ୍ଟ୍ରେଲିଆକୁ ସ୍ଥାନାନ୍ତରିତ ହୋଇଗଲେ। ଉଚ୍ଚତର ଶିକ୍ଷା ହାସଲ କରିବା ପାଇଁ ଆମେରିକା ଯାଇଥିଲେ ଆଡ଼ିଗା। ନ୍ୟୁୟର୍କର କଲମ୍ବିଆ ୟୁନିଭର୍ସିଟିରେ ସେ ଇଂଲିଶ ଭାଷା ସାହିତ୍ୟରେ ନାମ ଲେଖାଇଥିଲେ।


'ଦ ହ୍ୱାଇଟ୍ ଟାଇଗର' ଉପନ୍ୟାସ ପାଇଁ ଆଡ଼ିଗାଙ୍କୁ ମିଳିଥିଲା ୨୦୦୮ ମସିହାର ସମ୍ମାନଜନକ ମ୍ୟାନ୍ ବୁକର ଆୱାର୍ଡ। ଏକ ବିଷମ ସନ୍ଧିକ୍ଷଣରେ ଅଟକି ଯାଇଥିବା ଭାରତର ସାମାଜିକ ଅର୍ଥନୀତିକୁ ବେଶ୍ ମାର୍ମିକ ଢଙ୍ଗରେ ଉପସ୍ଥାପନ କରି ନିଜକୁ ବୁକ୍‌ର ତାଲିକାରେ ସାମିଲ୍ କରିବାରେ ସଫଳ ହୋଇଥିଲେ ଆଡ଼ିଗା...


**କ୍ୟାରିଅର:** ଆଡ଼ିଗା ଇଂଲିଶ ସାହିତ୍ୟର ଛାତ୍ର ହୋଇଥିଲେ ମଧ୍ୟ ତାଙ୍କର ଜର୍ନାଲିଜିମ୍‌କୁ ନେଇ ଖୁବ୍ ଦୁର୍ବଳତା ରହିଥିଲା। ସେଥିଲାଗି ସେ ତାଙ୍କର କ୍ୟାରିଅର ଭାବରେ ଜର୍ନାଲିଜିମ୍‌କୁ ହିଁ ଗ୍ରହଣ କରିଥିଲେ। ସେ 'ଫାଇନାନ୍‌ସିଆଲ୍ ଟାଇମ୍ସ'ରେ ଜଣେ ଫିନାନ୍‌ସିଆଲ୍ ଜର୍ନାଲିଷ୍ଟ ଭାବରେ ଯୋଗଦେଲେ। ଏଥିରେ କାର୍ଯ୍ୟ କରିବା ବେଳେ ସେ ବିଶ୍ୱର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ସାକ୍ଷାତ୍‌କାର କରିଥିଲେ। ତନ୍ମଧ୍ୟରୁ ଦୁଇ ଜଣ ହେଉଛନ୍ତି ବର୍ତ୍ତମାନର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କର ଠିକ୍ ପୂର୍ବରୁ ମ୍ୟାନ ବୁକର ହାସଲ କରିଥିବା ପିଟର କ୍ୟାରୀ। ଫିନାନ୍‌ସିଆଲ୍ ଜର୍ନାଲିଷ୍ଟ ଭାବରେ ତାଙ୍କର ଖ୍ୟାତି ଏତେ ବଢ଼ି ଯାଇଥିଲା ଯେ, ପରେ ପରେ ତାଙ୍କୁ 'ଟାଇମ୍'ରେ ନିଯୁକ୍ତି ମିଳିଯାଇଥିଲା। ସେ 'ଟାଇମ୍'ରେ ସାଉଥ୍-ଏସିଆ ପ୍ରତିନିଧି ଭାବରେ କାର୍ଯ୍ୟ କରିଥିଲେ। ତିନିବର୍ଷ 'ଟାଇମ୍'ରେ କାର୍ଯ୍ୟ କରିବା ପରେ ସେ ମୁକ୍ତବୃତ୍ତି ସାମ୍ବାଦିକତା କରିବାକୁ ସେଠାରୁ ଓହରି ଆସିଲେ। ତା'ର କାରଣ ଥିଲା ସମୟ ବାହାର କରି ଉପନ୍ୟାସ ଲେଖିବା। ଏହାପରେ ସେ ଲେଖିଥିଲେ 'ଦ ହ୍ୱାଇଟ୍ ଟାଇଗର' ଯାହା ତାଙ୍କୁ ବିଶ୍ୱରେ ପରିଚିତି ଆଣି ଦେଇଥିଲା। ଅରବିନ୍ଦ ଆଡ଼ିଗାଙ୍କୁ ସମସ୍ତେ ଇଣ୍ଡୋ-ଋଷିଆନ୍ ଲେଖକ ବୋଲି କହୁଥିଲେ ମଧ୍ୟ ସେ ସମ୍ପ୍ରତି ମୁମ୍ବାଇରେ ଅବସ୍ଥାପିତ।

**ବୁକର :** ବୁକର ପାଇବାରେ ଅରବିନ୍ଦ ଆଡ଼ିଗା ହେଉଛନ୍ତି ଚତୁର୍ଥ ଭାରତୀୟ ବଂଶୋଦ୍ଭବ ଲେଖକ। ତାଙ୍କ ପୂର୍ବରୁ ବୁକର ପାଇଥିବା ଲେଖକମାନେ ହେଉଛନ୍ତି ସଲମାନ୍ ରଶ୍‌ଦି, ଅରୁନ୍ଧତୀ ରୟ ଏବଂ କିରନ୍ ଦେଶାଇ। କେହି କେହି ଏହି ତାଲିକାରେ ଭି.ଏସ୍.ନଇପଲଙ୍କୁ ସାମିଲ୍ କରୁଥିଲେ ମଧ୍ୟ ବାସ୍ତବରେ ଏ ତାଲିକାରେ ନଇପଲଙ୍କୁ ରଖାଯାଏ ନାହିଁ। କାରଣ ନଇପଲ ମୂଳତଃ ଭାରତୀୟ ହୋଇଥିଲେ ମଧ୍ୟ ତାଙ୍କର ଜନ୍ମ ତ୍ରିନିଦାଦ୍‌ର କ୍ୟାରିବୀୟ ଉପଦ୍ୱୀପରେ ହୋଇଥିଲା। ବୁକର୍‌ର ସଂକ୍ଷିପ୍ତ ତାଲିକାରେ ସାମିଲ୍ ହୋଇଥିବା ଯେଉଁ ପାଞ୍ଚ ଜଣଙ୍କୁ କାଟି ଆଡ଼ିଗାଙ୍କ 'ଦ ହ୍ୱାଇଟ୍ ଟାଇଗର' ମୁକୁଟ ଜିତିଲା ସେମାନଙ୍କ ମଧ୍ୟରେ ଥିଲେ ଆଉ ଜଣେ ଭାରତୀୟ। ସେ ହେଉଛନ୍ତି ଅମିତାଭ୍ ଘୋଷ। ତେବେ ଭାରତ ଆଧୁନିକ ବିଶ୍ୱ-ଅର୍ଥନୀତିର ଏକ ପ୍ରମୁଖ ଦେଶ ଭାବରେ ଆଗକୁ ଯାଉଥିବାବେଳେ ଲୋକମାନେ କିଭଳି ଶୋଷିତ ହେଉଛନ୍ତି ତାହାର ଚମତ୍କାର ତୁଳନାତ୍ମକ ବର୍ଣ୍ଣନା ଆଡ଼ିଗାଙ୍କୁ ବୁକର ଆଣିଦେଇଥିଲା। 'ଦ ହ୍ୱାଇଟ୍ ଟାଇଗର'କୁ ବାଦଦେଲେ ଆଡ଼ିଗା ଲେଖିଥିବା ଅନ୍ୟ ଫିକ୍‌ସନ୍ ପୁସ୍ତକଗୁଡ଼ିକ ହେଉଛି 'ବିଟୁଇନ୍ ଦ ଆସାସିନେସନ୍', ଲାଷ୍ଟ ମ୍ୟାନ୍ ଇନ୍ ଟାୱାର ଏବଂ ସିଲେକ୍ସନ୍ ଡେ।



# ଝରକା ପାଖ ସିଟ୍

**-ବିରଜା ପ୍ରସାଦ ମହାନ୍ତି**

ବସ୍‌ରେ ଝରକା ପାଖ ସିଟ୍‌ଟିଏ ମିଳିବା ଗୋଟେ ଭାଗ୍ୟର ବିଷୟ ବୋଲି କୃଷ୍ଣକାନ୍ତ ଭାବେ। ଝରକା ବାଟେ ପଶିଆସୁଥିବା ପବନରେ ତା ମନର ନିରସତାର କିଛି ଅଂଶ ଆପେ ଆପେ କୁଆଡ଼େ ଉଡ଼ିଯାଏ। ତା' ଚାକିରିଟା ପନ୍ଦର ବର୍ଷର ଟେମ୍ପୋରାରି ଚାକିରି ଭଳି ଲାଗେନି। ତା' ଦରମା ବହୁତ କମ ବୋଲି ମନେ ରହେନି। ଝରକା ପାଖ ସିଟ୍‌ରେ ତାକୁ ଲାଗେନି ସେ ପଚିଶରୁ ଚାଳିଶ ପହଞ୍ଚି ଗଲାଣି। ଏବେବି ପଚିଶ ଲାଗେ ଓ ସେଇ ବୟସର ସ୍ୱପ୍ନ ଓ କଳ୍ପନାରେ ଉଡ଼ିବୁଲେ। ମୁହଁରେ ଛୋଟ ହସଟିଏ ଝଟକି ଯାଏ। କିଛି ଭଲ କାମଟିଏ କରିବାକୁ ଇଚ୍ଛା ହୁଏ। ସେଦିନ ବି ସେଇମିତି ହୋଇଥିଲା।


ଆଚାର୍ଯ୍ୟ ବିହାର ନ ଆସି, ସେ ଜୟଦେବ ବିହାରରୁ ବସ୍ ଧରେ। କାରଣ ଜୟଦେବ ବିହାରରେ ଝରକା ପାଖ ସିଟ୍ ମିଳିବାର ସମ୍ଭାବନା ବେଶି ଥାଏ। ଗାଡ଼ିରେ ଗୁଡିଏ ସିଟ୍ ଖାଲି ଥିଲା। ତାକୁ ଝରକା ପାଖ ସିଟ୍‌ଟିଏ ମିଳିଗଲା। କିନ୍ତୁ ଆଚାର୍ଯ୍ୟ ବିହାର ପହଞ୍ଚିଲା ବେଳକୁ ବହୁତ ଲୋକ ଚଢ଼ିଲେ। ସେ ଭିତରେ କୋଡିଏ ଏକୋଇଶ ବର୍ଷର ଝିଅଟିଏ ବି ଚଢ଼ିଲା ଓ କୃଷ୍ଣକାନ୍ତ ବସିଥିବା ସିଟ୍ ଆଡେ ଆଗେଇ ଆସିଲା। ପନ୍ଦର ବର୍ଷ ତଳେ ହୋଇଥିଲେ, ଅର୍ଥାତ କୃଷ୍ଣକାନ୍ତ ଯଦି ପଚିଶ ବର୍ଷର ସୌମ୍ୟକାନ୍ତି ଯୁବକଟି ହୋଇଥାନ୍ତା, ତେବେ ସେ କୋଡ଼ିଏ ଏକୋଇଶ ବର୍ଷର ଝିଅଟି ଆସି ସିଧା ତା ପାଖରେ ବସିଯାଇଥା'ନ୍ତା। ଝିଅଟିର ମୁହଁରେ ଚହଲି ଯାଇଥା'ନ୍ତା ହସଟିଏ। କିନ୍ତୁ ପନ୍ଦର ବର୍ଷର ଅନିଶ୍ଚିତ, ଟେମ୍ପୋରାରି ଚାକିରି, ଅନିୟମିତ, ଦୟନୀୟ ଦରମା, ଘରର କ୍ରମବର୍ଦ୍ଧିଷ୍ଣୁ ଆର୍ଥିକ ଅଭାବ ଓ ଦାୟିତ୍ୱ ତା ମୁହଁରୁ ତାରୁଣ୍ୟକୁ ଘୁଞ୍ଚାଇ କାରୁଣ୍ୟର ଏକ ସ୍ଥାୟୀ ଛାପ ଛାଇ ଦେଇଥିଲା। ଦୁଇ ନିଷ୍ପ୍ରଭ ଆଖି ମଝିରେ ଚିନ୍ତାର ଦୁଇଟି ରେଖା ଗଭୀର ଭାବେ ଟାଣି ହୋଇଯାଇଥିଲା। ମୁହଁଟି ରୁଗ୍ଣ ଓ ଅନାକର୍ଷଣୀୟ ହୋଇଯାଇଥିଲା।

ଯୁବତୀଟି ଆସି କୃଷ୍ଣକାନ୍ତଙ୍କ ପାଖରେ ଖାଲି ସିଟରେ ବସିଲାନାହିଁ। ଖୁଣ୍ଟଟି ଧରି ଠିଆ ହେଲା। ଆଖି ବୁଲେଇ ଦେଖୁଥିଲା ବସରେ ଆଉ କେଉଁଠି ବସିବା ଜାଗା ଅଛି କି ? ନା ମୁହଁରେ ତା'ର ଅନିଶ୍ଚିତତା ଓ ଅସହିଷ୍ଣୁତା। ଝରକା ପାଖ ସିଟରୁ କୃଷ୍ଣକାନ୍ତ ଝିଅଟି ଆଡେ ଅନେଇ, ନମ୍ର, ସ୍ମିତ ହସଟିଏ ହସିଲା। ସତେ ଯେମିତି କହୁଥିଲା," ଆସନ୍ତୁ, ବସନ୍ତୁ, ବସ୍‌ରେ ,ଏତେ ଭିଡରେ ବସିବାକୁ ଜାଗାଟିଏ ମିଳିଯିବା ହିଁ ବଡ଼ କଥାଟିଏ।" ଝିଅଟି ତା ବେଶଭୂଷାରୁ ରୁଚିପୂର୍ଣ୍ଣ, ମାର୍ଜିତ ଓ ଶିକ୍ଷିତ ଲାଗୁଥିଲା। କିନ୍ତୁ କୃଷ୍ଣକାନ୍ତଙ୍କ ହସଟି ଝିଅଟିକୁ ଗୋଟିଏ ଅପରାଧ ଭଳି ଲାଗୁଥିଲା। କାରଣ ସେ ଭାବୁଥିଲା ଝରକା ପାଖ ସିଟରେ ବସିବାର ଅଧିକାର କୃଷ୍ଣକାନ୍ତଙ୍କର ନାହିଁ। ତା' ମୁହଁର ଅସହିଷ୍ଣୁତା ଧୀରେ ଧୀରେ ବିରକ୍ତି ଓ କ୍ରୋଧରେ ପରିଣତ ହୋଇ ଆସୁଥିଲା। ଇତ୍ୟବସରରେ, ବିଭିନ୍ନ ବୟସର, ବିଭିନ୍ନ ଆକୃତିର, ବିଭିନ୍ନ ବେଶଭୂଷାର, ବିଭିନ୍ନ ଭାବ ଓ ମୁଖଭଙ୍ଗିର ଯାତ୍ରୀ, ଝିଅଟିକୁ ଠେଲିଦେଇ, ଖାଲିଥିବା ସିଟରେ ବସିବାକୁ ଉଦ୍ୟତ ହେଉଥିଲେ। କେଜାଣି କାହିଁକି, କୃଷ୍ଣକାନ୍ତଙ୍କୁ ଲାଗିଲା, ଝିଅଟି ପ୍ରତି ତା'ର କିଛି କର୍ତ୍ତବ୍ୟ ଅଛି। ଉତ୍ତୀର୍ଣ୍ଣ-ବୟସ୍କ, ଭିନ୍ନକ୍ଷମ ଓ ନାରୀମାନଙ୍କୁ ସାହାଯ୍ୟ କରିବା ପ୍ରତ୍ୟେକ ଦାୟିତ୍ୱପୂର୍ଣ୍ଣ ନାଗରିକର କର୍ତ୍ତବ୍ୟ। କୃଷ୍ଣକାନ୍ତ ମଝି ସିଟକୁ ଘୁଞ୍ଚିଗଲା ଓ ଝିଅଟିକୁ କହିଲା,"ଆପଣ ଆସନ୍ତୁ। ଝରକା ପାଖରେ ବସନ୍ତୁ।" କୃଷ୍ଣକାନ୍ତ ଭାବିଥିଲା ଝିଅଟି କୃତକୃତ୍ୟ ହେବ। ତାକୁ ଅତ୍ୟନ୍ତ ଭଦ୍ର, ଉଦାର ଓ ପରୋପକାରୀ ଭାବିବ। ତା'ର ସବୁଠାରୁ ଉଜ୍ଜ୍ୱଳ ହସଟିଏ ଉପହାର ଦେଇ 'ଧନ୍ୟବାଦ'ଟିଏ ଦେବ। ସେସବୁ ତ ଦୂରର କଥା, ଝିଅଟି ଝରକା ପାଖ ସିଟକୁ ବହୁତ ସତର୍କତା ସହ ଗଲା ଯେପରିକି ତା ଦେହର ବା ବେଶ ପୋଷାକର କିଛିବି କୃଷ୍ଣକାନ୍ତଙ୍କ ଦେହରେ ନ ବାଜେ। ସତେ ଯେମିତି କୃଷ୍ଣକାନ୍ତ ସହ କୌଣସି ପ୍ରକାର ସଂସ୍ପର୍ଶ ତାକୁ ଗରିବ କରିଦେବ, କ୍ଷୀଣ କରିଦେବ, ରୁଗ୍‌ଣ କରିଦେବ, ଜୀବଶକ୍ତିକୁ କ୍ଷୟ କରିଦେବ।

କୃଷ୍ଣକାନ୍ତ ଭାବୁଥିଲା, ବୟୋଜ୍ୟେଷ୍ଠ, ଭିନ୍ନକ୍ଷମ ଓ ନାରୀମାନଙ୍କୁ ସମ୍ମାନ କରିବା ଓ ସେମାନଙ୍କୁ ସାହାଯ୍ୟ କରିବା ହୁଏତ ଏକା କଥା ନୁହେଁ। ବସ୍‌ଟି ବାଣୀବିହାରରେ ପହଞ୍ଚି ଯାଇଥିଲା। ବେଶ୍ ଆଧୁନିକ ପରିପାଟୀର ୟୁନିଭର୍ସିଟିରେ ପଢୁଥିବା ଝିଅଟିଏ ଆସି କୃଷ୍ଣକାନ୍ତକୁ ନିର୍ଦ୍ଦେଶାତ୍ମକ ସ୍ୱରରେ କହିଲା,"ଆପଣ ଏ ପାଖକୁ ଆସିଲେ, ମୁଁ ମଝିରେ ବସିଥା'ନ୍ତି।" ଲାଗୁଥିଲା ସତେ ଯେମିତି ସେ କହିବାକୁ ଚାହୁଁଛି,"ଆପଣ ମୋ ଜାଗାରେ ବସିଛନ୍ତି। ଉଠନ୍ତୁ। ମୁଁ ବସେ।" ଅଗତ୍ୟା କୃଷ୍ଣକାନ୍ତ ଘୁଞ୍ଚି ଆସିଲା ଓ ସାମାନ୍ୟ ସ୍ୱାସ୍ଥ୍ୟବତୀ ଆଧୁନିକ ପରିପାଟୀର ଝିଅଟି ମଝିରେ ବସିଲା। ଝରକା ପାଖରେ ବସିଥିବା ଝିଅଟି ,ଝରକା ବାଟେ ଆସୁଥିବା ପବନରେ ତାର ନିରାଶାକୁ ଉଡାଇ ଦେଇ ସ୍ୱପ୍ନ ଜଗତରେ ବୁଲିବା ଆରମ୍ଭ କରି ଦେଇଥିଲା। ସାମାନ୍ୟ ହସୁଥିଲା ବୋଧହୁଏ। କାରଣ ସେ ଓ କୃଷ୍ଣକାନ୍ତଙ୍କ ମଝିରେ ଆଉ ଜଣେ କେହି ଥିଲା। ବସ୍‌ଟି ହଠାତ ବ୍ରେକ ମାରିଲା। ମଝିରେ ବସିଥିବା ସ୍ୱାସ୍ଥ୍ୟବତୀ ଝିଅଟି କୃଷ୍ଣକାନ୍ତଙ୍କ ଉପରେ ଉଛୁଳି ପଡ଼ିଲା ଓ ତୀବ୍ର ସ୍ୱରରେ କହିଲା," ଠିକ୍ କରି ବସୁନାହାନ୍ତି !" କୃଷ୍ଣକାନ୍ତ ଆଶ୍ଚର୍ଯ୍ୟ ଓ ମ୍ରିୟମାଣ ହୋଇଗଲା। ଝିଅଟିର କଠୋର ମୁହଁକୁ ଚାହିଁଲା। ତାକୁ ଲାଗିଲା, ବସ୍‌ଟି ବ୍ରେକ ନ ମାରିଥିଲେ ବି ଝିଅଟି ତାଙ୍କୁ ଠିକ୍ ଭାବରେ ବସିବାକୁ କହିଥାନ୍ତା। ଅଗତ୍ୟା କୃଷ୍ଣକାନ୍ତ ସିଟ୍ ଛାଡି ଠିଆ ହୋଇ ଘୁଞ୍ଚି ଆସିଲା। ପାଖରେ ଠିଆ ହୋଇଥିବା କୋଡ଼ିଏ ଏକୋଇଶ ବର୍ଷର ଯୁବକଟିଏ, କୃଷ୍ଣକାନ୍ତ ଖାଲି କରିଥିବା ସିଟରେ ବସିପଡ଼ିଲା ଓ ସ୍ୱାସ୍ଥ୍ୟବତୀ ଝିଅଟି ସହ କଥାବାର୍ତ୍ତା ଆରମ୍ଭ କଲା। ଝିଅଟି ଖିଲି ଖିଲି ହସିଲା। ତା ମୁହଁ କୋମଳ ଦେଖା ଯାଉଥିଲା। ଯୁବକ ଜଣକ ବିରାଗରେ କୃଷ୍ଣକାନ୍ତଙ୍କୁ ଅନେଇଲା। ସତେ ଯେମିତି ଜଣେ ଅଯୋଗ୍ୟ ବ୍ୟକ୍ତିଙ୍କୁ ସେ କ୍ଷମା କରିଦେଇଛନ୍ତି।

କୃଷ୍ଣକାନ୍ତ କାତର ଭାବେ ଚିନ୍ତା କରୁଥିଲା 'ଏମାନେ କେମିତି ଜାଣିଲେ ଯେ ସେ ପନ୍ଦର ବର୍ଷ ହେଲା ଟେମ୍ପୋରାରି ଚାକିରି କରିଛି, ତା ଦରମା ଏତେ କମ୍ ଓ ସେ ସବୁଦିନ ସକାଳେ ଛ' କିଲୋମିଟର ସାଇକେଲ ଚଲାଇ ଗାଆଁରୁ ବସ୍ ପାଖକୁ ଆସେ ଓ ସନ୍ଧ୍ୟାରେ ସାଇକେଲ ଚଲାଇ ଗାଁକୁ ଫେରେ। ଏ ସବୁ ନ ଜାଣିଥିଲେ ତାକୁ କେବେ ଭ୍ରୂକ୍ଷେପ କରି ନଥାନ୍ତେ!!!' ଯନ୍ତ୍ରଣା ଓ ବିଦ୍ରୋହର ସ୍ଫୁଲିଙ୍ଗଟିଏ ଲୁଚି ଲୁଚି ଘୂରି ବୁଲୁଥିଲା ମନରେ। ହଠାତ୍ ତାକୁ ଲାଗିଲା ପ୍ରଥମ ଭୁଲ୍ ସେ ହିଁ କରିଛି, ଝରକା ପାଖ ସିଟ୍ ଛାଡ଼ିଦେଇ।

*-ଏଚ.ଆଇ.ଜି. - ୬୪, ଫେଜ - ୭*
*ଶୈଳଶ୍ରୀ ବିହାର, ଭୁବନେଶ୍ୱର, ୭୫୧୦୨୧*



# ନିଷ୍ପାପ ସମର୍ପଣ

**ଶ୍ୱେତା ରାଉତ**

ମୁଁ ଜାଣେ ମୋର ସବୁତକ ନିଷ୍ପାପ ସମର୍ପଣ
ଦିନେ ହଜିଯିବ ବ୍ୟର୍ଥତାର ଅନ୍ଧାର ଭିତରେ
ଅମାବାସ୍ୟାର କୋଳାହଳରୁ ଭିଡ଼ିନେଇ
ତୁମକୁ ଜହ୍ନ ଦେଖେଇଲା ପରେ
ମୁଁ ପାଲଟିଯିବି ପ୍ରତିପଦା ।

ଅଭିମାନରେ ଭିଜିବିନି କି
ଅବସୋସରେ ଜଳିବିନି
ନିକାଞ୍ଚନରେ ଶୁଣୁଥିବି
ତୁମ ଦୀର୍ଘତମ ଏକାନ୍ତ ମୟୂରୀର
ମେଘ ମହ୍ଲାର ।
ଅମାନିଆ ଲୁହମାନଙ୍କୁ ଭଣ୍ଡେଇଦେଇ
ଛଦ୍ମ ହସଟିଏ ସଜେଇ ପାରିବି ଓଠରେ
ନଚେତ୍ ମନକୁ ବୁଝେଇଦେଇ
ଗାଇ ପାରିବି,
ଗାଈଆଳର ନାନାବାୟା ଗୀତ ।

ମୁଁ ଜାଣେ, ତୁମେ ଦ୍ୱନ୍ଦ୍ୱର ଦୋ'ଛକିରେ
ଠିଆହୋଇ ମାପୁଥିବ
ପାହାଡ଼ ଦେହର ତାତି
ନଦୀର ଯନ୍ତ୍ରଣା
ରୁଦ୍ଧ କୋଠରିରେ ଝୁଲୁଥିବା
ଅସହାୟତାର, ଶ୍ୟାମଳ ଛାତିରେ ଆଙ୍କୁଥିବ
ଅଜଣା ଦେଶର ମାନଚିତ୍ର ।

ନିରର୍ଥକ ଖୋଜାଲୋଡାରେ ସମୟ ନ ସାରି
ଆକାଶକୁ ପିଠିକରି ଚାଲ
ସ୍ୱପ୍ନମାନଙ୍କ ପଚୁଆରରେ,
ମୁଁ ତ ବି ଏମିତି ନା !
ବଞ୍ଚିବା ଶିଖିଗଲିଣି
ଭିଡ଼ ଭିତରର ନିଃସ୍ୱତାରେ ।

*-ରାଉତ କମ୍ପ୍ଲେକ୍ସ,*
*କଟକରୋଡ, ଭୁବନେଶ୍ୱର*




# ଭାଗ୍ୟକୁ ନିନ୍ଦୁଛନ୍ତି ୟାମି

ହଠାତ୍ ଯେ ଏମିତି ଘଟିଯିବ ତାହା କେବେ ୟାମି କଳ୍ପନା କରି ନ ଥିଲେ। ଅଫରଟି ମିଳିବା ପରେ ସେ ଯେତିକି ଖୁସି ହୋଇ ନ ଥିଲେ ଏହି ଫିଲ୍ମର କାହାଣୀ ଏବଂ ନିଜ ଭୂମିକା ବିଷୟରେ ଶୁଣିବା ପରେ ଏହି ଖୁସି ଦ୍ୱିଗୁଣିତ ହୋଇଯାଇଥିଲା। ହେଲେ କିଛିଦିନ ପରେ ତାଙ୍କର ମନ ଭାଙ୍ଗି ପଡ଼ିଲା। କାରଣ ଦେଖିଲା ବେଳକୁ କାଷ୍ଟିଂରେ ତାଙ୍କ ସ୍ଥାନରେ ଜଣେ ନବାଗତାଙ୍କୁ ସାଇନ୍ କରାଯାଇଛି। ଅବଶ୍ୟ ୟାମି ଗୌତମଙ୍କ ଅଫର କେବଳ କଥାବାର୍ତ୍ତାରେ ହିଁ ସୀମିତ ଥିଲା। ଯେତେବେଳେ ସେ ଶୁଣିବାକୁ ପାଇଲେ ଯେ ଏହି ଫିଲ୍ମରୁ ତାଙ୍କୁ ଆଉଟ୍ କରିଦିଆଯାଇଛି ସେତେବେଳେ ସେ କାହାକୁ ବା ଦୋଷ ଦେବେ ? କେବଳ ବସି ନିଜ ଭାଗ୍ୟକୁ ନିନ୍ଦୁଛନ୍ତି। ଏ ନେଇ ୟାମି କହନ୍ତି, 'ଅବଶ୍ୟ ଏହି ଅଫରଟି କଥାବାର୍ତ୍ତାରେ ରହିଥିଲା। କାହାଣୀ ଏବଂ ମୋ ରୋଲ୍ ବିଷୟରେ ଶୁଣିବା ପରେ ମୋ ପଟରୁ ମୁଁ ହଁ ଭରିଥିଲି। ହେଲେ କ'ଣ ପାଇଁ ମୋତେ ଏହି ଫିଲ୍ମରୁ ବାଦ୍ ଦିଆଗଲା ତାହା ମୁଁ ଜାଣିପାରୁ ନାହିଁ।' ହେଲେ ଶୁଣିବାକୁ ମିଳୁଛି ଯେ, ଏହି ଫିଲ୍ମ ପାଇଁ ୟାମି ଅଧିକ ପାରିଶ୍ରମିକ ଦାବି କରିଥିଲେ ଯାହାକୁ ଗ୍ରହଣ କରି ନ ଥିଲେ ଏହାର ପ୍ରଯୋଜକ।

# ଚ୍ୟାଲେଞ୍ଜ ଦେବେ ଦୀପକ

ଦୀପକ ଚ୍ୟାଲେଞ୍ଜ ଦେବାକୁ ତୟାର। କାରଣ ସେ ଯେପରି ଏକ ଭୂମିକା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି ଆଉ ତାହାର ସଫଳତାକୁ ନେଇ ଦିନ ଗଣିବା ଆରମ୍ଭ କରିଦେଲେଣି ସେ। ସିନେମାଟି ହେଲା 'ଜୋର୍ କା ଝଟ୍‌କା'। ଏଥିରେ ଏକ ରୋମାଣ୍ଟିକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଦୀପକ। କାହାଣୀ ଅନୁସାରେ ହଠାତ୍ ତାଙ୍କର ଜଣେ ସୁନ୍ଦରୀ ସହ ଭେଟ ହେଉଛି। ପୁଣି ପ୍ରଥମ ଦେଖାରେ ଦୁହେଁ ପ୍ରେମ ଡୋରିରେ ବାନ୍ଧି ହୋଇଯାଆନ୍ତି। ହେଲେ ଏହି ପ୍ରେମର ଶେଷ ପରିଣତି କ'ଣ ହେଉଛି ତାହା ପରଦା ଉପରେ ଦେଖିବାକୁ ମିଳିବ। ଏ ସମ୍ପର୍କରେ ଦୀପକ କହନ୍ତି, ଏହି ଫିଲ୍ମର କାହାଣୀରେ ଲଭ୍, ଇମୋଶନ ଏବଂ କମେଡି ରହିଛି। ଏଥିରେ ମୋତେ ମିଳିଛି ଜଣେ ବିନ୍‌ଦାସ ଯୁବକର ଭୂମିକା। ଏହି ଯୁବକ ପ୍ରେମରେ ପଡ଼ିଲା ପରେ କ'ଣ କ'ଣ ଘଟୁଛି ତାହା ହିଁ କାହାଣୀର ମୂଳ କଥା। ସେହି ପ୍ରେମରେ କିପରି ଝଟ୍‌କା ଲାଗୁଛି ଆଉ ତାହାର ପରିଣାମ କ'ଣ ହେଉଛି ତାହା ଫିଲ୍ମଟି ରିଲିଜ୍ ହେଲେ ହିଁ ଜାଣିପାରିବେ।' ଶିବାନୀ ଫିଲ୍ମସ ବ୍ୟାନରରେ ଏହି ଫିଲ୍ମକୁ ପ୍ରଯୋଜନା କରିଛନ୍ତି ଅଶୋକ ବେହେରା ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ପିନୁ ନାୟକ। କେବଳ ଦୀପକ ନୁହଁନ୍ତି, ଏହି ଫିଲ୍ମର ନାୟିକା ପିଙ୍କି ପ୍ରିୟଦର୍ଶିନୀ ମଧ୍ୟ ଏକ ଦମ୍‌ଦାର ଚରିତ୍ରରେ ଅଭିନୟ କରୁଛନ୍ତି। ଏମାନଙ୍କ ବ୍ୟତୀତ ଶ୍ରୀତମ୍ ଦାସ, ମିହିର ଦାସ, ପ୍ରତିଭା ପଣ୍ଡା, ହରିହର ମହାପାତ୍ର, ପ୍ରଜ୍ଞା ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ। ଡ. ନିର୍ମଳ ନାୟକ ସଂଳାପ ରଚନା କରିଛନ୍ତି ଏବଂ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର।



ଦୀପକ-ପିଙ୍କି

# ସୁଯୋଗ ଅପେକ୍ଷାରେ ସୋନମ

ସୋନମ କପୁର ଏକ ସୁଯୋଗ ଅପେକ୍ଷାରେ ରହିଛନ୍ତି। କେମିତି କ୍ୟାଟ୍ରିନାଙ୍କୁ ପାନେ ଦେବେ। ନିକଟରେ ଜାହ୍ନବୀଙ୍କୁ ନେଇ କ୍ୟାଟ୍ରିନା କହିଥିଲେ ଯେ, ଜାହ୍ନବୀଙ୍କ ହାଇଟ୍ ଆଉ ଟିକେ ଅଧିକ ହୋଇଥିଲେ ଭଲ ହୋଇଥାଆନ୍ତା। ଆଉ ତାହାକୁ ଆଧାର କରି ତାଙ୍କ ଉପରେ ରାଗିଛନ୍ତି ସୋନମ। ସେପଟେ ସୋସିଆଲ ମିଡିଆରେ କ୍ୟାଟ୍ରିନା ଏପରି ମନ୍ତବ୍ୟ ଦେବା ପରେ ତାହାକୁ ନେଇ ଆଲୋଚନା-ସମାଲୋଚନା ଜାରି ରହିଛି। ଠିକ୍ ସେତିକି ବେଳେ ସୋନମଙ୍କ ଆଉ ଏକ ମନ୍ତବ୍ୟ ଏବେ ଅଡୁଆ କରିଛି। ସେ କହିଛନ୍ତି, 'ମୋ ଭଉଣୀକୁ ନେଇ ସେ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ଆମ ଭିତର କଥା। ହେଲେ ତାକୁ ନେଇ ଅନ୍ୟମାନେ ଅଧିକ ଆଲୋଚନା କରିବା ଆଦୌ ଠିକ୍ ନୁହେଁ। ଅନ୍ୟପକ୍ଷରେ ଜାହ୍ନବୀଙ୍କୁ ନେଇ କ୍ୟାଟ୍ରିନା ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା କେତେଦୂର ଠିକ୍ ତାହା ପ୍ରଥମେ ଚିନ୍ତା କରିବାର ଥିଲା।' ତେବେ ଏହି ସୋନମ-କ୍ୟାଟ୍ରିନାଙ୍କ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧର କିପରି ପରିସମାପ୍ତି ହେଉଛି ତାହା ଦେଖିବାକୁ ବାକି ରହିଲା।



ସୋନମ୍

କ୍ୟାଟ୍ରିନା

# ସଜବାଜ ହେଉଛନ୍ତି ସ୍ନେହା

ସ୍ନେହା ଉଲାଲ ଏବେ ସଜବାଜ ହେଉଛନ୍ତି। ଦୀର୍ଘ ତିନି ବର୍ଷ ଧରି ଅସୁସ୍ଥତା ହେତୁ ଚଳଚ୍ଚିତ୍ରଠାରୁ ଦୂରେଇ ରହିଥିଲେ। କାରଣ ଅଟୋ-ଇମ୍ୟୁନ ଡିଜଅର୍ଡର ନାମକ ରୋଗରେ ପୀଡିତା ସ୍ନେହାଙ୍କୁ ବେଡରେଷ୍ଟ କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଏବେ ସୁସ୍ଥ ହେବା ପରେ ପୁଣି ଥରେ ସେ ମଇଦାନକୁ ଓହ୍ଲାଉଛନ୍ତି। ବର୍ତ୍ତମାନ କେତେଜଣ ତେଲୁଗୁ ପ୍ରଯୋଜକ ତାଙ୍କୁ ଅଫର ଦେଇଛନ୍ତି। ଏ ବିଷୟରେ ସ୍ନେହା କହନ୍ତି, 'ୟା ଭିତରେ ତିନି ବର୍ଷ ବିତିଗଲାଣି। ମୁଁ ପୁଣି ଥରେ ଅଭିନୟ କରିବାକୁ ସଜବାଜ ହେଲା ବେଳକୁ ଏବେ କେତୋଟି ତେଲୁଗୁ ଫିଲ୍ମ ଅଫର ମିଳିଛି। ସେଗୁଡ଼ିକୁ ନେଇ ମୁଁ ତର୍ଜମା କରୁଛି। କାରଣ ଯେତେବେଳେ କିଛି ବର୍ଷ ଗ୍ୟାପ୍ ପରେ ପୁଣି ଥରେ ଆକ୍ଟିଂ ମଇଦାନକୁ ଓହ୍ଲାଉଛି ତେଣୁ ମାପିଚୁପି ଚାଲିବାକୁ ପଡ଼ିବ।' ଯେହେତୁ ସ୍ନେହାଙ୍କ ମୁହଁ ଐଶ୍ୱର୍ଯ୍ୟା ରାୟବଚ୍ଚନଙ୍କ ସହ ଅନେକାଂଶରେ ମିଶିଯାଏ ତେଣୁ ତାଙ୍କୁ ବଲିଉଡ୍‌ର ଦ୍ୱିତୀୟ ଐଶ୍ୱର୍ଯ୍ୟା ବୋଲି ସମ୍ବୋଧନ କରାଯାଇଥାଏ। ୨୦୦୫ରେ ନିର୍ମିତ 'ଲକି ନୋ ଟାଇମ୍ ଫର୍ ଲଭ୍'ରୁ ସେ ତାଙ୍କର ହିନ୍ଦୀ ସିନେମା କ୍ୟାରିୟର ଆରମ୍ଭ କରିଥିଲେ। ଏଥିରେ ତାଙ୍କର ନାୟକ ସାଜିଥିଲେ ସଲମାନ ଖାଁ।

# ମୁହଁ ଖୋଲିଲେ ଅନନ୍ୟା

ବିଗତ ଦିନର ନାୟକ ଚଙ୍କି ପାଣ୍ଡେଙ୍କ କନ୍ୟା ତଥା ନବାଗତା ଅନନ୍ୟା ପାଣ୍ଡେ। ନିକଟରେ ଗୋଟିଏ କଥା ତାଙ୍କ ପାଇଁ ଟେନ୍‌ସନ୍ ସାଜିଥିଲା। ତାହା ହେଲା ପ୍ରେମ। ଅର୍ଥାତ୍, 'ପତି ପତ୍ନୀ ଔର ୱୋ'ର କୋ-ଷ୍ଟାର କାର୍ତ୍ତିକ ଆର୍ଯ୍ୟନ୍‌ଙ୍କ ସହ ତାଙ୍କର ପୂରାଦମ୍‌ରେ ଇଲୁ ଇଲୁ ଚାଲିଛି ବୋଲି ଆଲୋଚନା ହେଉଛି। ତେବେ ଯେତେବେଳେ ଏକଥା ଅନନ୍ୟାଙ୍କ କାନରେ ପଡିଲା ସେ ଚୁପ୍ ନ ରହି ମୁହଁ ଖୋଲିଛନ୍ତି। କାର୍ତ୍ତିକଙ୍କୁ ସେ ପ୍ରଶଂସାରେ ମଧ୍ୟ ପୋତି ପକାଇଛନ୍ତି। ଏ ସମ୍ପର୍କରେ ଅନନ୍ୟା କହନ୍ତି, 'ଏବେ ମୁଁ କାର୍ତ୍ତିକଙ୍କ ସହ 'ପତି ପତ୍ନୀ ଔର ୱୋ'ରେ ଅଭିନୟ କରୁଛି। ସେ ଜଣେ ଭଲ ଅଭିନେତା। ସେ ଜଣେ ମଜାଳିଆ ଲୋକ। ହସେଇ ହସେଇ ବେଦମ କରିଦେବେ। ସେ ବହୁତ କ୍ୟୁଟ୍ ବି। ଆଉ ମୁଁ ବହୁତ ଖୁସି ଅଛି।' ବିଗତ ଦିନରେ ବି. ଆର. ଚୋପ୍ରାଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ 'ପତି ପତ୍ନୀ ଔର ୱୋ'ରେ ସଞ୍ଜୀବ କୁମାର ଏବଂ ବିଦ୍ୟା ସିହ୍ନା ଅଭିନୟ କରିଥିଲେ। ଏହି ରିମେକ ଫିଲ୍ମରେ ସଞ୍ଜୀବଙ୍କ ଭୂମିକାରେ କାର୍ତ୍ତିକ ଏବଂ ବିଦ୍ୟାଙ୍କ ରୋଲ୍‌ରେ ଅନନ୍ୟାଙ୍କୁ ଦେଖିବାକୁ ମିଳିବ। ବଲିଉଡ୍‌ରେ ଅନନ୍ୟାଙ୍କ କ୍ୟାରିୟର ଚଳିତବର୍ଷ ଆରମ୍ଭ ହୋଇଛି। କରନ୍ ଜୋହରଙ୍କ ପ୍ରଯୋଜିତ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରେ ତାଙ୍କୁ ବ୍ରେକ୍ ମିଳିଥିଲା।



# କ'ଣ କରୁଛନ୍ତି ହ୍ରିତିକ

ହ୍ରିତିକ ରୋଶନ ଏବେ କ'ଣ କରୁଛନ୍ତି। ସେ ଏବେ ଫରେନ୍ ଟୁର୍‌ରେ ଅଛନ୍ତି। ପାଖାପାଖି ମାସାଧିକ କାଳ ଏହି ମିଶନ ଚାଲୁ ରହିବ। ହେଲେ କ'ଣ ପାଇଁ ? କଥା କ'ଣ କି, ହୋମ୍ ବ୍ୟାନରରେ ଏକ ଫୁଲ୍ ଆକ୍ସନ ଭିତ୍ତିକ ସିନେମା ନିର୍ମିତ କରିବାକୁ ଯାଉଛନ୍ତି। ପିତା ତଥା ନିର୍ଦ୍ଦେଶକ ରାକେଶ ରୋଶନ ଏ ନେଇ ମଧ୍ୟ ବ୍ୟସ୍ତ। ହେଲେ ହ୍ରିତିକ ଏଥିପାଇଁ ଏକ ଗୁରୁଦାୟିତ୍ୱ ନିଜ କାନ୍ଧକୁ ନେଇଛନ୍ତି। ଫିଲ୍ମ ପାଇଁ କାହାଣୀ ସନ୍ଧାନରେ ଅଛନ୍ତି ସେ। ତେଣୁ ସବୁ କାମକୁ କ୍ୟାନସେଲ କରି ସେ ପ୍ୟାରିସରେ ଡେରା ପକାଇଛନ୍ତି। ସେଠାରେ କାହାଣୀ ଚୟନ କାମରେ ନିଜକୁ ବ୍ୟସ୍ତ ରଖିଛନ୍ତି। ତେବେ ସେ କିପରି କାହାଣୀ ଖୋଜିପାଉଛନ୍ତି ଆଉ ତାହା ଦର୍ଶକଙ୍କୁ କେତେ ପ୍ରଭାବିତ କରିବ ତାହା ଦେଖିବାକୁ ବାକି ରହିଲା।





ସ୍ନେହା

# ପାହାନ୍ତି ରାତି ଅଧୁରା କଥା, ଭାବିଲେ ଘୂରି ଯାଏ ମୋ ମଥା

**ପ୍ରଶ୍ନ**—ମୋ ପ୍ରିୟାକୁ ସ୍ୱପ୍ନରେ ଦେଖିବା ପରେ ରାତି କେମିତି ପାହିଗଲା ଜାଣିପାରିଲି ନାହିଁ। ହେଲେ ଆଖି ଖୋଲିଲା ବେଳକୁ ସେସବୁ କେବଳ ସ୍ୱପ୍ନ ଥିଲା। କାରଣ ଏ ଯାଏ କୌଣସି ସୁନ୍ଦରୀ ମୋ ମନକୁ ଚୋରି କରିନାହାନ୍ତି। କ'ଣ କରିବି ଜାଣିପାରୁନି।

*—ଅଜିତ କୁମାର, ବୋଲଗଡ, ଖୋର୍ଦ୍ଧା*

**ଉତ୍ତର:** 'ପାହାନ୍ତି ରାତି ଅଧୁରା କଥା, ଭାବିଲେ ଘୂରି ଯାଏ ମୋ ମଥା।' ହଁ, ସ୍ୱପ୍ନ ଏବଂ ବାସ୍ତବତାକୁ ସାଙ୍ଗେ ସାଙ୍ଗେ ଆପଣ ବୁଝିପାରିଲେ। ଏମିତି ତ ପ୍ରେମିକାକୁ ନେଇ ପ୍ରେମିକମାନେ ଅନେକ ରଙ୍ଗିନ ସ୍ୱପ୍ନ ଦେଖନ୍ତି। ଯଦି ଆପଣଙ୍କ ପରି ସ୍ୱପ୍ନ ଦେଖୁଥିବା ପ୍ରେମିକପ୍ରବରଙ୍କର ବାସ୍ତବରେ ପ୍ରେମିକା ଥାଆନ୍ତି ତେବେ ଏଭଳି ସ୍ୱପ୍ନକୁ ସେମାନଙ୍କ ସହ ଶେୟାର କରି ତାହାର ମଜା ଉଠାଇ ଥାଆନ୍ତି। ତେଣୁ ଆପଣ ଯେଉଁ ସ୍ୱପ୍ନ ଦେଖିଛନ୍ତି ସେଥିରେ କେବଳ କ୍ଷଣିକ ମଜା। ପୁଣି ଲେଖିଛନ୍ତି ଯେ ଏ ପର୍ଯ୍ୟନ୍ତ ଆପଣଙ୍କ ମନକୁ କୌଣସି ସୁନ୍ଦରୀ ଚୋରି କରିନାହାନ୍ତି। ସେଥିପାଇଁ ପ୍ରଥମେ ରାସ୍ତା କ୍ଲିୟର କରିଦିଅନ୍ତୁ ନା ! ଥରେ ପ୍ରେମର ଅସଲି ନିଶା ଘାରିଲେ ତାହା କେତେ ଗାଢ଼ ନିଜେ ଜାଣିପାରିବେ।

**ପ୍ରଶ୍ନ**—ଥରେ ବାଟରେ ଯାଉଥିବା ବେଳେ ଜଣେ ସୁନ୍ଦରୀ ମୋତେ ଦେଖି ହସି ଦେଲା। ମୁଁ ମଧ୍ୟ ହସିଦେଲି। ତା' ସହ ପ୍ରତିଦିନ ଭେଟ ହେଉଛି। ହେଲେ ଆଉ ସେ ହସ ତା' ମୁହଁରେ ଦେଖିବାକୁ ପାଉନି। ତାକୁ ପ୍ରପୋଜ କରିବି ବୋଲି ଭାବୁଛି।

*—ପ୍ରଶାନ୍ତ ନାୟକ, ବ୍ରହ୍ମପୁର*

**ଉତ୍ତର:** ସୁନ୍ଦରୀ ହସରେ ମାଦକତା ଭରି ରହିଥାଏ। ସେଥିରେ ଥରେ ବାନ୍ଧି ହୋଇଗଲେ କଥା ଶେଷ। ପ୍ରଥମ ଦେଖାରେ ସେ ଝିଅଟି ହସିଦେଲା, ଏବେ ମୁହଁ ଲଦି ଚାଲିଯାଉଛି। ଏଥିରୁ ଜଣାପଡୁଛି ଯେ ଏଭଳି ମ୍ୟାଟରରେ ଆଗକୁ ନ ବଢ଼ିବା ଭଲ। ଯଦି ଆପଣ ସାହସ କରି ତାଙ୍କୁ ପ୍ରପୋଜ କଲେ ତେବେ ଫଳାଫଳ ଯଦି ଓଲଟା ହେଲା ତାହାକୁ ସାମନା କରିବାକୁ ସାହସ ଅଛି ତ ! ଯଦି ପ୍ରେମ କରିବାକୁ ମନ କୁଲୁକୁଲୁ ହେଉଛି ତେବେ ଏହି ଚ୍ୟାନେଲ ବଦଳାଇ ଆଉ ଏକ ନୂଆ ଚ୍ୟାନେଲ ସେଟ୍ କରନ୍ତୁ।

**ପ୍ରଶ୍ନ**—ଜଣେ ଝିଅ ହଠାତ୍ ମୋ ମନ ଚୋରି କରିନେଇଥିଲା। ହେଲେ କେତେବେଳେ ସେ ମୋତେ ଧୋକା ଦେଇ ଚାଲିଗଲା ଜାଣିପାରିଲି ନାହିଁ। ଏବେ ମୁଁ କ'ଣ କରିବି ?

*—ଜୀବନ ସାହୁ, କେନ୍ଦ୍ରାପଡ଼ା*

**ଉତ୍ତର:** ପ୍ରେମିକା ଚଏସରେ ବୋଧହୁଏ ଭୁଲ ରହିଗଲା। କୌଣସି କାରଣରୁ ଆପଣଙ୍କ ପ୍ରେମିକା ଅଧା ବାଟରେ ଆପଣଙ୍କ ହାତ ଛାଡି ଚାଲିଗଲା। ଯଦି ପୁଣି ଥରେ ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି ତେବେ ଏଭଳି ପ୍ରେମିକାକୁ ମନ ଦିଅନ୍ତୁ ଯିଏ ସାରା ଜୀବନ ଆପଣଙ୍କ ହାତ ଛାଡିବ ନାହିଁ।

**ପ୍ରଶ୍ନ**—ଅନେକେ ପ୍ରେମରେ ବିଫଳ ହେବା ପରେ ମଧ୍ୟ ପୁଣି ଥରେ ପ୍ରେମ କରିବାକୁ ଆଗଭର ହୋଇଥାଆନ୍ତି। କାହିଁକି ?

*—ଅଭିଜିତ ବାରିକ, ଜଗତ୍‌ସିଂହପୁର*

**ଉତ୍ତର:** ପ୍ରେମରେ ବିଫଳ ହେବା ପରେ ସେଥିରୁ ଅନେକ କଥା ଶିଖି ହୋଇଥାଏ। ଯଦି କିଏ ତାକୁ ନ ମାନି ପୁଣି ଥରେ ପ୍ରେମ କରିବାକୁ ଆଗେଇଲା ଆଉ ସେହି ପ୍ରେମରେ ଯଦି ଦମ୍ ନ ରହିଲା ତେବେ ସେଭଳି ପ୍ରେମ ଯେ ପୁଣି ଅଧା ବାଟରେ ଅଟକି ନ ଯିବ ତାହାର ଗ୍ୟାରେଣ୍ଟି କିଏ ଦେବ ?




ପ୍ରଥମ ରୋଜଗାର

## ଦରମା ଟଙ୍କା ବୋଉ ହାତରେ ଦେଇଥିଲି



ଶିକ୍ଷକ, ଲେଖକ ତଥା ସାମାଜିକ କର୍ମୀ **ବାଳମୁକୁନ୍ଦ ଦାସ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି—

ଖୋର୍ଦ୍ଧା ଜିଲା ବାଣପୁର ନିକଟସ୍ଥ ଭୀମପୁର ଗାଁରେ ମୋର ଜନ୍ମ। ଚାକିରି କ୍ଷେତ୍ରରେ ବାପାଙ୍କର ବିଭିନ୍ନ ସ୍ଥାନକୁ ବଦଳି ହେଉଥିବାରୁ ମୋର ପାଠପଢ଼ା ମଧ୍ୟ ଭିନ୍ନ ଭିନ୍ନ ବିଦ୍ୟାଳୟରେ ହୋଇଥିଲା। ତେବେ ଗଞ୍ଜାମ ଜିଲା ସୁରଙ୍ଗିଗଡ଼ ନିକଟସ୍ଥ ଶ୍ୟାମସୁନ୍ଦର ବିଦ୍ୟାପୀଠରୁ ୧୯୭୪ରେ ମାଟ୍ରିକ୍ ପାସ୍ କରି ଗୋଦାବରୀଶ ମହାବିଦ୍ୟାଳୟରେ ପଢ଼ିଲି। ସେଠାରୁ ଇତିହାସ ଅନର୍ସରେ ବି.ଏ. ପାସ୍ କରିବା ପରେ ବାଣପୁର ମଧ୍ୟଇଂରାଜୀ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ଚାକିରି ପାଇଗଲି। ଦିନେ ଏହି ବିଦ୍ୟାଳୟ ଅବିଭକ୍ତ ପୁରୀ ଜିଲାର ଏକ ସୁନାମଧନ୍ୟ ବିଦ୍ୟାଳୟ ଭାବେ ପରିଚିତ ଥିଲା, ଯେଉଁଠାରେ ନିଆଖୁଣ୍ଟା ଗୋଦାବରୀଶ ମହାପାତ୍ର, ପ୍ରେମିକ କବି ମାୟାଧର ମାନସିଂହ, ପାଇକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ, ଭାରତର ଉଚ୍ଚତମ ନ୍ୟାୟାଳୟର ପ୍ରଧାନ ବିଚାରପତି ରଙ୍ଗନାଥ ମିଶ୍ର ଆଦି ଶିକ୍ଷାଗ୍ରହଣ କରିଥିଲେ। ସେଭଳି ଏକ ସୁନାମଧନ୍ୟ ବିଦ୍ୟାଳୟରେ ଶିକ୍ଷକତା କରିବାର ସୁଯୋଗ ମିଳିବାରୁ ନିଜକୁ ଧନ୍ୟ ମନେ କରିବା ସହ ଶେଷ ପର୍ଯ୍ୟନ୍ତ ସେହି ସ୍କୁଲରେ ରହି କାମ କରିବାକୁ ମନେ ମନେ ନିଷ୍ପତ୍ତି ନେଲି। ତେବେ ମୁଁ ଚାକିରି କରିବା ସମୟରେ ଏହି ବିଦ୍ୟାଳୟଟି ପରିଚାଳନା କମିଟି ଦ୍ୱାରା ପରିଚାଳିତ ହେଉଥିଲା। ତେଣୁ ଦରମା ମିଳିବାରେ ଟିକେ ବିଳମ୍ବ ହେଲା। ୧୯୮୦ରେ ଚାକିରିରେ ଜଏନ୍ କରିଥିଲେ ହେଁ ଦରମା ମିଳିଲା ବେଳକୁ ୧୯୮୪ ମସିହା ହୋଇଯାଇଥିଲା। ଏହି ଚାରିବର୍ଷ ଘରୁ ପଇସା ଆଣି ଚଳୁଥିଲି। ମାସିକ ୩୧୫ ଟଙ୍କା ହିସାବରେ ଚାରି ବର୍ଷ ପରେ ଯେବେ ଦରମା ପାଇଲି, ସେତେବେଳକୁ ବାପା ଆଉ ଇହଧାମରେ ନ ଥିଲେ। ତେଣୁ ଦରମା ଟଙ୍କା ନେଇ ବୋଉ ହାତରେ ଦେଲି। ୧୯୯୨ରେ ଏହି ସ୍କୁଲ୍ ସରକାରୀ ମାନ୍ୟତା ପାଇଲା। ଆଉ ୨୦୧୧ରେ ମୋତେ ଇନ୍‌ଚାର୍ଜ ହେଡ୍‌ମାଷ୍ଟର ଭାବେ ଦାୟିତ୍ୱ ମିଳିଲା। ୨୦୧୭ରେ ଆମ ସ୍କୁଲ ନିକଟରେ ଥିବା ବାଳକ ଉଚ୍ଚ ବିଦ୍ୟାଳୟ ସହ ମିଶି ବାଣପୁର ନୋଡାଲ୍ ଉଚ୍ଚ ବିଦ୍ୟାଳୟ ହେଲା। ତା'ପରେ ପୁଣି ମୁଁ ସହକାରୀ ଶିକ୍ଷକ ହୋଇ ପିଲାଙ୍କୁ ଶିକ୍ଷାଦାନ ଦେଲି। ଆଉ ଶେଷରେ ଏହି ପଦବୀରେ ଥାଇ ୨୦୧୯ ମସିହା ଏପ୍ରିଲ୍‌ରେ ଚାକିରିରୁ ଅବସର ନେଲି। କିନ୍ତୁ ତା'ପୂର୍ବରୁ ୨୦୧୭ରେ ଖୋର୍ଦ୍ଧା ଜିଲାପାଳଙ୍କଠାରୁ ଓ ୨୦୧୮ରେ ସମାଜ ଅନୁଷ୍ଠାନ ତରଫରୁ କୃତି ଶିକ୍ଷକ ଭାବେ ପୁରସ୍କାର ପାଇସାରିଥିଲି। ଶିକ୍ଷକତା ବାଦ୍ ଲେଖାଲେଖିରେ ବି ରୁଚିଥିଲା। ଖାସ୍ କରି ଶିଶୁ କବିତା, ଆଧୁନିକ କବିତା, ସାମାଜିକ ମୂଲ୍ୟବୋଧ ଓ ସମସ୍ୟା ସମ୍ବଳିତ ଗପ ତଥା ସଂସ୍କୃତି, ଐତିହ୍ୟ, ଧର୍ମ, ପରମ୍ପରା, ଯାନିଯାତ୍ରା, ପର୍ବପର୍ବାଣି ସମ୍ପର୍କିତ ବିଭିନ୍ନ ଗବେଷଣାତ୍ମକ ଲେଖା ଲେଖିବାକୁ ଭଲ ପାଉଥିଲି। ୟା' ଭିତରେ ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ୩୦ରୁ ଊର୍ଦ୍ଧ୍ୱ ଶିଶୁ କବିତା, ୨୦ରୁ ଊର୍ଦ୍ଧ୍ୱ ଆଧୁନିକ କବିତା ତଥା ଅନେକ ଗପ ଓ ଗବେଷଣାତ୍ମକ ଲେଖାମାନ ପ୍ରକାଶ ପାଇସାରିଲାଣି। ତା'ସହିତ 'ଘଣ୍ଟଶିଳା' ପତ୍ରିକାର ସମ୍ପାଦନା ବି ମୁଁ କରିଛି। ସ୍କୁଲ୍‌ରେ ପାଠ ପଢାଉଥିବାବେଳେ ପିଲାମାନଙ୍କୁ ନେଇ 'କଳିକା' ନାମରେ ଏକ ହାତଲେଖା ପତ୍ରିକା ପ୍ରକାଶ କରୁଥିଲି। ୱାଲ୍ ମାଗାଜିନ୍ ବି ବାହାର କରୁଥିଲି। ଆଉ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚସ୍ଥ ହେବାକୁ ଥିବା ନାଟକ ଲେଖାଠାରୁ ଆରମ୍ଭ କରି ନିର୍ଦ୍ଦେଶନା ଦେବା ଇତ୍ୟାଦି କଥା ମୋତେ ହିଁ ବୁଝିବାକୁ ପଡୁଥିଲା। ଆଉ ଏବେ 'ଭିନ୍ନ ପୃଥିବୀ' ନାମରେ ନିଜର ଏକ ନାଟକ ସଂସ୍ଥା ମୋର ଅଛି। ବିଭିନ୍ନ ସାମାଜିକ ଘଟଣାବଳୀ ଉପରେ ଆଧାର କରି ଏହି ସଂସ୍ଥା ତରଫରୁ ୟା'ଭିତରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମଞ୍ଚ ନାଟକ ଓ ୨୫ରୁ ଊର୍ଦ୍ଧ୍ୱ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇ ସାରିଲାଣି। ଏହାସହିତ ଏବେ ମୁଁ ଶାଳିଆ ସାଂସ୍କୃତିକ ପରିଷଦ ଓ ଚିଲିକା ସାହିତ୍ୟ ସମାଜର ସଭାପତି ଦାୟିତ୍ୱ ତୁଲାଇବା ସହ ବାଣପୁର ମହୋତ୍ସବ କମିଟି, ପାଇକ ବିଦ୍ରୋହ ସ୍ମାରକ ସମିତି, ମା' ଭଗବତୀ ସାଂସ୍କୃତିକ ପରିଷଦ, ଶ୍ରୀ ରଙ୍ଗନାଥ ଉନ୍ନୟନ ପରିଷଦର ସମ୍ପାଦକ ଅଛି। ସେହିପରି ବାଣପୁର ପଞ୍ଚୁଦୋଳ ଯାତ୍ରା କମିଟିର ସାଂସ୍କୃତିକ ବିଭାଗର ଆବାହକ ଭାବେ ମଧ୍ୟ ଦାୟିତ୍ୱ ତୁଲାଉଅଛି। ଏହାଛଡ଼ା ନେହେରୁ ସେବା ସଂଘର ଜଣେ ସଭ୍ୟ ଭାବେ ବାଣପୁରରେ ଥିବା ଅନାଥ ଓ ଅବହେଳିତ ପିଲାମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବାକୁ ନିଜର ଚେଷ୍ଟା ଜାରି ରଖିଛି। ଏ ସମସ୍ତ ଉଲ୍ଲେଖନୀୟ କାମ ପାଇଁ ବିଭିନ୍ନ ଅନୁଷ୍ଠାନ ତରଫରୁ ମୋତେ ଅନେକ ପୁରସ୍କାର ଓ ସମ୍ମାନ ମଧ୍ୟ ମିଳିଛି।

*—ଅନ୍ୱିତା*

# ଛୋଟ ଗାଁର ବଡ଼ ପର୍ବ
# ରଜ





ନୟାଗଡ଼ ଜିଲା ସଦର ବ୍ଲକସ୍ଥ ଇକିରି ପଞ୍ଚାୟତର ନଛିପୁର ଗାଁ। ଏକ ଛୋଟିଆ ଗାଁ। ୩୦୦-୩୫୦ ହେଉଛି ଏହାର ଜନସଂଖ୍ୟା। ହେଲେ ଏଇ ଗାଁ ଏବେ ପାଲଟିଛି ଆଦର୍ଶ। କାରଣ ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ପର୍ବପର୍ବାଣିକୁ ଏହା ଜାବୁଡ଼ି ଧରି ରଖିଛି। ଆଉ ଏହା ସମ୍ଭବ ହୋଇଛି ଗ୍ରାମର ଯୁବଗୋଷ୍ଠୀ ତଥା ସେମାନଙ୍କ ଦ୍ୱାରା ଗଠିତ ଆଲୋକ ଜ୍ୟୋତି ୟୁଥ୍ ପାୱାର ନାମକ କ୍ଲବ୍‌ର ପ୍ରୟାସ ଯୋଗୁ। ଗାଁରେ ସେମାନେ ରଜପର୍ବକୁ ପାଳନ କରୁଛନ୍ତି ବେଶ୍ ଧୁମ୍‌ଧାମ୍‌ରେ। ପର୍ବ ପାଳନ ସହ ପୁରୁଣା ସଂସ୍କୃତିକୁ ପୁନଃ ଜୀବିତ କରିବା ଲାଗି ଏଠି ଓଡ଼ିଶାର ବିଭିନ୍ନ ପାରମ୍ପରିକ ଖେଳର ପ୍ରତିଯୋଗିତା ଆୟୋଜନ ବି କରାଯାଉଛ। ପିଲାଠୁ ବୁଢ଼ା ଯାଏଁ, ଏମିତିକି ଆଖପାଖ ଗାଁ ଲୋକ ବି ଏଥିରେ ସାମିଲ ହେଉଛନ୍ତି । ଯଦିଓ ମାତ୍ର ୪ ବର୍ଷ ତଳେ ଗାଁ ଯୁବକଙ୍କ ପ୍ରୟାସରେ ଏହା ଆରମ୍ଭ ହୋଇଛି, ହେଲେ ଏବେ ସାରା ଜିଲାରେ ଚହଲ ପକାଇ ଦେଇଛି।

**ଗାଁ ମୁହାଁ ହେଲେଣି ଲୋକ–** ରଜ ଏଠାରେ ଏତେ ଜାକଜମକରେ ପାଳନ କରାଯାଉଛି, ଯେ ଏହାକୁ ପାଳିବା ଲାଗି ଏବେ ସହରକୁ ଚାଲିଯାଇଥିବା ଗ୍ରାମବାସୀ ବି ଗାଁକୁ ଆସୁଛନ୍ତି। ରଜ ଦୁଇଦିନ ଏଠାରେ ହୁଏ ବିଭିନ୍ନ ପ୍ରତିଯୋଗିତା। ବିଭିନ୍ନ ପ୍ରତିଯୋଗିତାରେ ବିଚାରକ ହେଉଥିବା କୃତିବାସ ମହାନ୍ତି କହନ୍ତି, 'ଆଲୋକ ଜ୍ୟୋତି ୟୁଥ୍ ପାୱାର କ୍ଲବ୍ ଯୋଗୁ ବାହାରେ ରହୁଥିବା ଗ୍ରାମବାସୀ ଏବେ ରଜ ପାଳିବାକୁ ଗାଁ ମୁହାଁ ହେଉଛନ୍ତି, ଯାହାକି ଖୁସିର କଥା। ହେଉଥିବା ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ଗାଁରେ ଲୁକ୍କାୟିତ ଭାବେ ଥିବା ପ୍ରତିଭା ସମସ୍ତଙ୍କ ସମ୍ମୁଖକୁ ଆସୁଛି। ଆଉ ବିଚାରକଭାବେ ଏସବୁ ଦେଖି ବେଶ୍ ଗର୍ବ ଅନୁଭୂତ ହେଉଛି।' ଶିଶିର କୁମାର ବେହେରା ନାମକ ଜଣେ ଗ୍ରାମବାସୀ କୁହନ୍ତି, 'ଗାଁର ଯୁବକମାନଙ୍କ ଉଦ୍ୟମ ଯୋଗୁ ଲୋପ ପାଇବାକୁ ବସିଥିବା ରଜ ପରମ୍ପରା ଏବେ ବେଶ୍ ଧୁମଧାମରେ ପାଳିତ ହେଉଛି। ଏଥିରେ ଗ୍ରାମବାସୀଙ୍କ ତରଫରୁ ବି ସମ୍ପୂର୍ଣ୍ଣ ସହଯୋଗ କରାଯାଉଛି। ଖାଲି ଯେ ମହିଳା ଓ ଝିଅଙ୍କ ପାଇଁ ପ୍ରତିଯୋଗିତା ହେଉଛି ତାହା ନୁହେଁ ଯୁବକମାନଙ୍କ ପାଇଁ ମଧ୍ୟ ବିଭିନ୍ନ ପ୍ରତିଯୋଗିତା ହେଉଛି। ଆଉ ଗାଁ ସମ୍ପୂର୍ଣ୍ଣ ଉତ୍ସବମୁଖର ହେଇଯାଉଛି।'

**ଏଥରର ଆକର୍ଷଣ–**ଚଳିତ ବର୍ଷ ଏଠାରେ ୫ମ ପଞ୍ଚାୟତସ୍ତରୀୟ ରଜ ଉତ୍ସବ -୨୦୧୯ ଅନୁଷ୍ଠିତ ହେବ। ଆଉ ଏଥିରେ ଇକିରି ପଞ୍ଚାୟତର ୭ଟି ଗ୍ରାମ (ଇକିରି, ନଛିପୁର, ଆଡ଼ବନ୍ଧ, ଟିପୁରା, ନୂଆଗାଁ, ଖଇରପଟି, ତେନ୍ତୁଳିଆପଲ୍ଲୀ)ର ଯୁବତୀ ଓ ଯୁବକମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବେ। ନିଆରା ରଜ ଉତ୍ସବ ଗ୍ରାମ ପରିବେଶକୁ ରଙ୍ଗିନ କରିବ। ୫ବର୍ଷର ପିଲାଙ୍କଠାରୁ ଆରମ୍ଭ କରି ୬୦ ବର୍ଷର ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତାମାନ ପ୍ରସ୍ତୁତ କରାଯାଇଛି। ରଜ କୁଆଁରୀ ଝିଅମାନଙ୍କର ସ୍ୱତନ୍ତ୍ର ପର୍ବ ହୋଇଥିବାରୁ ସେମାନଙ୍କ ଲାଗି ଝୋଟି, ପୁଚି, ଲେମ୍ବୁ ଚାମଚ, ହୁଳୁହୁଳି ପକାଇବା, ବିସ୍କୁଟ ଖିଆ, ବେଲୁନ ଫଟା, ମ୍ୟୁଜିକ୍ ଚେୟାର୍, ପାନଭଙ୍ଗା ଭଳି ୧୪ ପ୍ରକାରର ପ୍ରତିଯୋଗିତାମାନ ଆୟୋଜନ କରାଯାଇଛି। ସେହିଭଳି ପୁଅମାନଙ୍କ ପାଇଁ ମ୍ୟୁଜିକ୍ ଚେୟାର୍, ଲେମ୍ବୁ ଚାମଚ, କର୍କ ଆଦି ପ୍ରତିଯୋଗିତା କରାଯିବ। ଶେଷରେ ଏ ବର୍ଷର ଆକର୍ଷଣ ଭାବେ ମାଠିଆ ଭଙ୍ଗା ପ୍ରତିଯୋଗିତା କରାଯିବ, ଯେଉଁଥିରେ କି ୭ ବର୍ଷର ପିଲାଠାରୁ ଆରମ୍ଭ କରି ୬୦ ବର୍ଷର ବୃଦ୍ଧ ବି ସାମିଲ୍ ହେବେ। କ୍ଲବ୍‌ର ସଦସ୍ୟ ଓ ଗ୍ରାମବାସୀଙ୍କ ସହାୟତାରେ ଏହି ଦୁଇଦିନିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ୧୪ ତାରିଖ ଦିନ ବିଭିନ୍ନ ପ୍ରତିଯୋଗିତା ହେବାକୁ ଥିବାବେଳେ ଦ୍ୱିତୀୟ ଦିନ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯିବ। ଗାଁର ଯୁବତୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାନ୍ତି କହନ୍ତି, 'ପୂର୍ବରୁ ରଜରେ ଏତେ ମଜା ହେଉ ନ ଥିଲା ଯେତିକି ଏବେ ହେଉଛି। ରଜ ଖାଲି ଦୋଳି ଖେଳାରେ ସୀମିତ ଥିଲା। କିନ୍ତୁ ଏବେ ଏହା ବେଶ୍ ମଜାଦାର ହୋଇଯାଇଛି। ବିଭିନ୍ନ ପ୍ରତିଯୋଗିତା ହେଉଛି। ତେଣୁ ଉତ୍ସାହ ଲାଗି ରହୁଛି। ଦିନ କେମିତି ସରି ଯାଉଛି ଜଣାପଡୁନି।' ଗାଁର କୁମୁଦିନୀ ବେହେରା କହନ୍ତି,' ପିଲାମାନଙ୍କ ଦ୍ୱାରା ଗ୍ରାମରେ କରାଯାଉଥିବା ଏହି ଉତ୍ସବ ବାସ୍ତବିକ ସ୍ୱାଗତ ଯୋଗ୍ୟ। ରଜରେ କିଏ ପ୍ରତିଯୋଗିତାରେ ଜିତିବ ସେଥିପାଇଁ ଆଗରୁ ଚର୍ଚ୍ଚା ଆରମ୍ଭ ହୋଇଯାଉଛି। ତାଛଡ଼ା ଗାଁ ପିଲାମାନଙ୍କ ଦ୍ୱାରା କରାଯାଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ବହୁତ ଭଲ ଲାଗୁଛି। ବିଭିନ୍ନ ଗ୍ରାମରୁ ମଧ୍ୟ ଏସବୁ ଦେଖିବାକୁ ଲୋକେ ଆସୁଛନ୍ତି। ତେଣୁ ଗ୍ରାମରେ ଅଲଗା ମାହୋଲ ସୃଷ୍ଟି ହେଉଛି। ଆଲୋକ ଜ୍ୟୋତି ୟୁଥ୍ ପାୱାର କ୍ଲବ୍ ସଭାପତି ସନ୍ତୋଷ କୁମାର ବେହେରା କହନ୍ତି, 'ରଜ ପାଇଁ ଇକିରି ପଞ୍ଚାୟତ ସମେତ ନଛିପୁର ଗ୍ରାମ ଉତ୍ସବମୁଖର ହୋଇଥାଏ। ଏଥିରେ ହେଉଥିବା ସମସ୍ତ ଖର୍ଚ୍ଚ ବି ଗାଁ ଲୋକେ ବହନ କରନ୍ତି।' ସରପଞ୍ଚ ପ୍ରଫୁଲ୍ଲ କୁମାର ପାଳ କହନ୍ତି, 'ଗ୍ରାମବାସୀ, କ୍ଲବର ସମସ୍ତ କର୍ମକର୍ତ୍ତା ଓ ସମ୍ପୂର୍ଣ୍ଣ ପଞ୍ଚାୟତର ସହଯୋଗରେ ଉତ୍ସବଟି ସଫଳ ହୋଇଥାଏ।'

ଗାଁଟି ଛୋଟିଆ ହେଲେ ବି ଏହାର ପ୍ରୟାସ ନିହାତି ସ୍ୱାଗତଯୋଗ୍ୟ। ଏଠାକାର ଯୁବଗୋଷ୍ଠୀ ଏବେ ସମସ୍ତଙ୍କ ପାଇଁ ଆଦର୍ଶ। ଯଦି ଏଭଳି ପ୍ରୟାସ ଓଡ଼ିଶାର ପ୍ରତ୍ୟେକ ଗାଁରେ ହୁଅନ୍ତା ତେବେ ପୁଣିଥରେ ସମୃଦ୍ଧ ହୋଇ ଯାଆନ୍ତା ଓଡ଼ିଶାର ଲୋପ ପାଇବାକୁ ବସିଥିବା ସଂସ୍କୃତି ଓ ପରମ୍ପରା।

– ରଞ୍ଜନ କୁମାର ପ୍ରଧାନ

ରଜ ଆଗରୁ ଆସୁଥିଲା, ଏବେବି ଆସୁଛି। ହେଲେ ଆଗଭଳି ଆଉ ସେଥିରେ ନାହିଁ ମଉଜ। କାହା ଘରୁ ଆସୁନି ପୋଡ଼ ପିଠାର ମହକ କି ଗାଁ ଦାଣ୍ଡ ଆଉ ଦୁଲୁକୁନି ପୁଚି, କବାଡ଼ି ଖେଳରେ । କାରଣ ଆଧୁନିକତାର ଛାପରେ ଏବେ ସମସ୍ତେ ଭୁଲିବାକୁ ବସିଲେଣି ନିଜ ପରମ୍ପରା, ସଂସ୍କୃତି ଓ ପର୍ବପର୍ବାଣିକୁ। ହେଲେ ନୟାଗଡ଼ ଜିଲାର ଛୋଟିଆ ଗାଁ ନଛିପୁରର ଯୁବଗୋଷ୍ଠୀଙ୍କଠାରେ ଦେଖିବାକୁ ମିଳିଛି ବ୍ୟତିକ୍ରମ। ଆଧୁନିକତାର ତାଳ ସହ ତାଳ ଦେଇ ଚାଲିବା ସହ ସେମାନେ ଓଡ଼ିଶାର ପରମ୍ପରାକୁ ପୁନଃ ଜୀବିତ କରିବା ପାଇଁ କରିଛନ୍ତି ପ୍ରୟାସ। ଆଉ ରଜ ପର୍ବକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରି ସାରା ଓଡ଼ିଶାରେ ନିଜ ଗାଁର ତିଆରି କରିଛନ୍ତି ଏକ ସ୍ୱତନ୍ତ୍ର ପରିଚୟ..







ରାମେଶ୍ୱରୀ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

ଫଟୋ ସୌଜନ୍ୟ- କୁମାର ଶରତ, ଧରିତ୍ରୀ

## ହାଃ ହାଃ

### ଅଭିଶାପ

ରମେଶ ମୋହନକୁ- କ'ଣ କିରେ ଦିନସାରା ମୋବାଇଲ ଭିତରେ ବୁଡି ରହୁଛୁ।
ମୋହନ- ଖାଲି କ'ଣ ମୁଁ ଏକୁଟିଆ। ଆଜିକାଲି ପରା ସମସ୍ତେ ମୋବାଇଲ୍ ଭିତରେ ବୁଡି ରହୁଛନ୍ତି।
ରମେଶ-ଜାଣିଛୁ ଏଇଟା ହେଉଛି ଏକ ଅଭିଶାପର ଫଳ।
ମୋହନ- ଅଭିଶାପ!
ରମେଶ- ହଁ, ଯେତେବେଳେ ମଣିଷ ପ୍ରଥମ ଥର ଜାଲ ପକାଇ ମାଛ ଶିକାର କରିଥିଲା, ସେତେବେଳେ ଗୋଟେ ମାଛ ଅଭିଶାପ ଦେଇଥିଲା-ତୁ ବି ଦିନେ 'ନେଟ୍'ରେ ଫସିବୁ। ଆଉ ବାହାରିବାର ରାସ୍ତା ପାଇବୁନି।

### ସେଟ୍

ଶୁଭଜିତ୍ ରାକେଶକୁ- ଆରେ ତୁ ଯୋଉ ଝିଅକୁ ଲାଇନ୍ ମାରୁଛୁ ସିଏ ଆଗରୁ ଜଣକ ସହ ସେଟ୍ ଅଛି।
ରାକେଶ- କ'ଣ ହେଲା ସେଇଠୁ। ଖାଲି ଚେୟାର୍ ଉପରେ ତ ସମସ୍ତେ ବସିବାକୁ ଚାହିଁବେ। କିନ୍ତୁ କାହାକୁ ଚେୟାରରୁ ହଟେଇ ବସିବା ବଡ ହିମ୍ମତର କଥା।

### ପାରାଲେସିସ୍

ମା' ଫୋନ କରି ପୁଅକୁ- ତୁ ଟିକେ ଜଲ୍ଦି ଘରକୁ ପଳେଇ ଆସ।
ପୁଅ-କାହିଁକି?
ମା'-ବୋହୂକୁ ପାରାଲାଇଜ୍ ଆଟାକ୍ ଆସିଯାଇଛି। ସେ ମୁହଁକୁ ବଙ୍କା କରି ଦେଇଛି, ଆଖି ଉପରକୁ ଆଉ ବେକ ବଙ୍କା କରି ରଖିଛି।
ପୁଅ-ଓ! ଏଇ କଥା। ତୁ ଚିନ୍ତା କରନା। ସେ ସେଲ୍ଫି ଉଠଉଛି।






# ମାଣିକଗଡ଼ ଦୁର୍ଗ



**ମହାରାଷ୍ଟ୍ରସ୍ଥିତ ମାଣିକଗଡ଼ ଦୁର୍ଗ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ଏବେ ବି ପର୍ଯ୍ୟଟକଙ୍କୁ ଆକର୍ଷିତ କରିଆସୁଛି । ଖାସ୍‌କରି ଏଠାରେ ନୂଆକରି ନିର୍ମିତ ହୋଇଥିବା କାଠର ଦୁଇଟି ପାଗୋଡା ଏକ ନିଆରା ଅନୁଭୂତି ଦେଉଛି...**





ପର୍ଯ୍ୟଟନ ଦୃଷ୍ଟିକୋଣରୁ ଦେଖିଲେ ମହାରାଷ୍ଟ୍ରର ଭିନ୍ନ ଏକ ସ୍ୱତନ୍ତ୍ରତା ରହିଛି। ପ୍ରକୃତିପ୍ରେମୀଙ୍କଠାରୁ ଆରମ୍ଭକରି ରୋମାଞ୍ଚକର ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ଅଛି ବହୁ ପ୍ରାଚୀନ ଦୁର୍ଗ, ମହଲ, ମନ୍ଦିର, ଶୈଳନିବାସ, ଜଳପ୍ରପାତ ତଥା ଆହୁରି ଅନେକ କିଛି। ସେମିତି ଏକ ଐତିହାସିକ ଦୁର୍ଗ ଭାବେ ସ୍ଥାନୀୟ ମାଣିକଗଡ଼ ଦୁର୍ଗ ଏବେ ବି ପର୍ଯ୍ୟଟକଙ୍କୁ ଆକର୍ଷିତ କରିଚାଲିଛି।

## ଦୁର୍ଗ ସମ୍ପର୍କରେ

ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲାରେ ରହିଛି ଏହି ମାଣିକଗଡ଼ ଦୁର୍ଗ, ଯାହା ସ୍ଥାନୀୟ ଏକ ପାହାଡ଼ ଉପରେ ନିର୍ମିତ ହୋଇଛି। ସୂଚନାନୁଯାୟୀ, ସମୁଦ୍ର ପତ୍ତନରୁ ପ୍ରାୟ ୫୦୭ ମିଟର ଉଚ୍ଚତାରେ ଥିବା ଏହି ପାହାଡି ଦୁର୍ଗଟିକୁ ନାଗା କିଙ୍ଗ୍ ଗହିଲୁ ତିଆରି କରିଥିଲେ। ସେମାନଙ୍କର ଇଷ୍ଟ ଦେବୀ ଭାବେ ଜଣାଶୁଣା ମାଣିକଦେବୀଙ୍କ ନାମାନୁସାରେ ଏହି ଦୁର୍ଗଟିର ନାମକରଣ ହୋଇଥିବା ଅନୁମାନ କରାଯାଏ। ଦୁର୍ଗଟିର ଆକର୍ଷଣୀୟ କାରୁକାର୍ଯ୍ୟ ଏବେ ବି ଖୁବ୍ ଆକର୍ଷିତ ଲାଗେ। ଜନଗହଳିପୂର୍ଣ୍ଣ ପରିବେଶରୁ ଦୂରରେ ଥିବା ଏହି ସ୍ଥାନକୁ ବୁଲି ଆସିଲେ ଏକ ନିଆରା ଅନୁଭୂତି ମିଳିବା ସହ ଖୁବ୍ ଶାନ୍ତି ଲାଗିଥାଏ। ଦୁର୍ଗ ନିକଟରେ ରାଣୀଙ୍କର ଏକ ପ୍ରାସାଦ ରହିଛି, ଆଉ ତା' ପାଖରେ ରହିଛି ଗୋଟିଏ ଛୋଟ ଡ୍ୟାମ୍, ଯାହା ଦୁର୍ଗକୁ ଭିନ୍ନ ଏକ ରୂପ ପ୍ରଦାନ କରିଥାଏ। ଗଛଲତା ଦ୍ୱାରା ଘେରି ହୋଇ ରହିଥିବା ଏହି ଦୁର୍ଗ ନିକଟରେ ଏବେ ବନ ବିଭାଗ ତରଫରୁ ଦୁଇଟି କାଠର ପାଗୋଡା ମଧ୍ୟ ତିଆରି କରାଯାଇଛି, ଯାହା ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିପାରୁଛି।

## କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବା ପାଇଁ ସୁବିଧା ଥିଲେ ହେଁ ବର୍ଷାଦିନକୁ ଛାଡି ବାକି ଅନ୍ୟ ସମୟରେ ଯିବା ପାଇଁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ର ତରଫରୁ ନିର୍ଦ୍ଦେଶ ଦିଆଯାଇଥାଏ। ସେହିପରି ଗମନାଗମନର ମଧ୍ୟ ବେଶ୍ ଭଲ ସୁବିଧା ରହିଛି ଏଠାରେ। ମୁମ୍ବାଇସ୍ଥିତ ଛତ୍ରପତି ଶିବାଜୀ ଇଣ୍ଟରନ୍ୟାଶନାଲ୍ ଏୟାର୍‌ପୋର୍ଟ ହେଉଛି ଏହି ଦୁର୍ଗର ନିକଟବର୍ତ୍ତୀ ବିମାନବନ୍ଦର। ସେହିପରି ଦେଶର ବିଭିନ୍ନ ସ୍ଥାନରୁ ମୁମ୍ବାଇକୁ ସିଧାସଳଖ ଟ୍ରେନ୍ ଯୋଗେ ମଧ୍ୟ ଯାଇହେବ। ଆଉ ସେଠାରୁ ଟ୍ୟାକ୍ସି କିମ୍ବା ଅନ୍ୟ କୌଣସି ମୋଟର ଗାଡ଼ି ଯୋଗେ ଯାଇ ସୁବିଧାରେ ମାଣିକଗଡ଼ ଦୁର୍ଗ ନିକଟରେ ପହଞ୍ଚିହେବ।

## ଅନ୍ୟାନ୍ୟ ଦର୍ଶନୀୟସ୍ଥାନ

ଏହି ଦୁର୍ଗ ବ୍ୟତୀତ ପର୍ଯ୍ୟଟକ ଚାହିଁଲେ ଚନ୍ଦ୍ରପୁର ଜିଲାରେ ଥିବା ଆଉ କେତୋଟି ଆକର୍ଷଣୀୟ ସ୍ଥାନ ବି ବୁଲି ଦେଖିପାରିବେ। ଯେମିତିକି ଚନ୍ଦ୍ରପୁର ସୁପର୍ ଥର୍ମାଲ୍ ପାୱାର୍ ଷ୍ଟେଶନ, ୱାର୍ଧା ଭାଲି କୋଲଫିଲ୍ଡ , ତଡୋବା ଅନ୍ଧାରୀ ଟାଇଗର୍ ରିଜର୍ଭ, ଇରଇ ଡ୍ୟାମ୍ ଇତ୍ୟାଦି ଅନ୍ୟତମ।



# ଏଇ ବ୍ୟାକ୍‌ପ୍ୟାକ୍‌ରେ ରହିଯିବେ ମଣିଷ

ସ୍କୁଲ, କଲେଜ ହେଉକି ଅଫିସ୍ କି ଆଉଟିଂ ଏବେ ସବୁବେଳେ ଆବଶ୍ୟକ ପଡୁଛି ବ୍ୟାକ୍‌ପ୍ୟାକ୍। ନେବାକୁ ସୁବିଧା ହେଉଥିବାରୁ ଏହା ସମସ୍ତଙ୍କର ପ୍ରିୟ। ତେବେ ଜାପାନର ଡିଜାଇନ୍ ଷ୍ଟୁଡିଓ ସିଡବ୍ଲ୍ୟୁଏଫ୍ ତିଆରି କରିଛି ଏମିତି ଏକ ବ୍ୟାକ୍‌ପ୍ୟାକ୍ ଯାହାକୁ କ୍ୟାରି କରିବା ସହଜ ହେବନି। କାରଣ ଏହା ହେଉଛି ଖୁବ୍ ବଡ଼। ବିଶ୍ୱାସ ନ ହେଲେବି ବ୍ୟାକ୍‌ପ୍ୟାକ୍‌ଟି ଏତେ ବଡ଼ ଯେ, ସେଥିରେ ଜଣେ ବ୍ୟକ୍ତି ଆରାମରେ ରହିଯିବେ। ଏହାର ଲମ୍ବ ୧୦୦ ସେ.ମି. ହୋଇଥିବାବେଳେ ଓସାର ୬୮ ସେ.ମି.। ଏହା ମଧ୍ୟରେ ଆପଣଙ୍କ ଆଲମାରୀର ସବୁ ପୋଷାକ ରହିଯିବ। ଏତେ ବଡ଼ ହେଲେ ବି ଏହାକୁ ଟେକି ଟେକି ନେବାବେଳେ କାନ୍ଧ ଓ ପିଠି ଏତେଟା କାଟି ନ ଥାଏ। କାରଣ ଏଥିରେ ଏକ ଅତିରିକ୍ତ ମିଡିଲ୍ ଷ୍ଟ୍ରାପ୍ ରହିଛି, ଯାହା ବ୍ୟକ୍ତିଙ୍କ ଉପରେ ବ୍ୟାଗ୍‌ର ଚାପକୁ କମାଇଥାଏ। ଏଥିରେ ଅଧିକ ଜିନିଷ ଧରୁଥିବାରୁ ଆଉଟିଂ ଓ କ୍ୟାମ୍ପକୁ ଗଲାବେଳେ ଏହା ଅଧିକ କାମ ଦେବ। ଘର ଭିତରେ ବି ଏହାକୁ ଏକ କ୍ଲୋସେଟ୍ ବା ଆଲମାରୀ ଭାବେ ବ୍ୟବହାର କରିପାରିବେ। ଏହି ବିରାଟକାୟ ବ୍ୟାକ୍‌ପ୍ୟାକ୍‌ର ମୂଲ୍ୟ ୨୩୦ ଡଲାରରୁ ଊର୍ଦ୍ଧ୍ୱ।









## କାର୍ଟୁନ କର୍ଣ୍ଣର



# ସଙ୍ଗୀତ ନିଶାରେ ଗୁନୁ



ସଙ୍ଗୀତ ଗୋଟେ ନିଶା। ସେ ନିଶା ଯାହାକୁ ଘାରେ ତାକୁ ସବୁକିଛି ସଙ୍ଗୀତମୟ ଲାଗେ। ସେମିତି ଗୋଟେ ନିଶାକୁ ସାଥିକରି ବାଟ ଚାଲୁଥିବା ବୁଲ୍‌ବୁଲି ଝିଅ ହେଉଛନ୍ତି ଗୁନୁ ପଣ୍ଡା। ଓଡ଼ିଶା ସଙ୍ଗୀତ ଜଗତରେ ଗୁନୁ ପଣ୍ଡା ନାଁଟି ହୁଏତ ଖୁବ୍ ବେଶି ପରିଚିତ ହୋଇନାହିଁ; ତେବେ ଗୁନୁ ପଣ୍ଡାଙ୍କର ଯାହା ସବୁଠୁ ବଡ଼ ପରିଚୟ ତାହା ହେଉଛି ତାଙ୍କର ସୁରିଲା କଣ୍ଠସ୍ୱର। କିଏ କହିପାରିବ ଏମିତି ଏକ ସମୟ ଆସିବ ସେହି କଣ୍ଠସ୍ୱର ଗୁନୁଙ୍କୁ ଓଡ଼ିଶାର ଘରେ ଘରେ ପରିଚିତ କରି ନଦେବ। ସଙ୍ଗୀତକୁ ଭଲ ପାଉଥିବା, ସୁର-ତାଳ-ଲୟର ପ୍ରେମରେ ପଡ଼ିଥିବା ଗୁନୁ ତ ସେମିତି ଗୋଟେ ଆତ୍ମବିଶ୍ୱାସ ନେଇ ଆଗକୁ ଆଗକୁ ବାଟ ଚାଲୁଛନ୍ତି। କଟକ ନିବାସୀ ଚନ୍ଦ୍ରମଣି ପଣ୍ଡା ଏବଂ ରଶ୍ମିତା ପଣ୍ଡାଙ୍କର ସୁକନ୍ୟା ଗୁନୁ ସଙ୍ଗୀତକୁ ସାଥିରେ ନେଇ ଜନ୍ମ ହୋଇଛନ୍ତି। ତେଣୁ ତାଙ୍କର ରକ୍ତରେ ରହିଛି ସୁର, ତାଳ ଆଉ ଲୟ। ପାଞ୍ଚବର୍ଷ ବୟସରୁ ସେ ଗୀତ ଗାଇବା ଆରମ୍ଭ କରନ୍ତି। ବାପାମା'ଙ୍କର ସଙ୍ଗୀତରେ ରୁଚିଥିଲା। ତେଣୁ ଝିଅର ସଙ୍ଗୀତ ପ୍ରତି ଭଲପାଇବା ଦେଖି ସେମାନେ ତାକୁ ଗୀତ ଶିଖାନ୍ତି। ତେବେ ଗୁନୁଙ୍କର ବିଧିବଦ୍ଧ ସଙ୍ଗୀତ ଶିକ୍ଷା ଆରମ୍ଭ ହୁଏ ଗୁରୁ ନୀହାର ରଞ୍ଜନ ପତିଙ୍କଠାରୁ। ସେ ସମ୍ପ୍ରତି ହିନ୍ଦୁସ୍ତାନୀ ଭୋକାଲ ଶିକ୍ଷା କରୁଛନ୍ତି। ଏହା ହେଉଛି ତାଙ୍କର ଥାର୍ଡ଼ ଇୟର। ଗୁନୁ ଓଡ଼ିଆ ଗୀତ ଗାଇବା ସହିତ ଖୁବ୍ ଭଲ ସମ୍ବଲପୁରୀ ଗୀତ ମଧ୍ୟ ଗାଇପାରନ୍ତି। ସେତିକିନୁହେଁ, ମଞ୍ଚରେ ଗୀତ ଗାଉଥିବା ବେଳେ ତବଲାର ତାଳରେ ମନକୁମନ ଉଠିଯାଏ ତାଙ୍କ ପାଦ। ବାସ୍, ମଞ୍ଚରେ ଦର୍ଶକମାନେ ପାଆନ୍ତି ନୃତ୍ୟ ସହିତ ଗୀତର ସିମ୍ଫୋନି। ବିଭିନ୍ନ ଅର୍କେଷ୍ଟ୍ରା, ଇଭେଣ୍ଟ ଶୋ' ତଥା ଭଜନ ପ୍ରୋଗ୍ରାମରେ ଯୋଗ ଦିଅନ୍ତି ଗୁନୁ। ଏବେ କିନ୍ତୁ ଗୁନୁଙ୍କ ଜୀବନରେ ସଙ୍ଗୀତର ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ସେ ଚଳିତ ସିଜନ୍‌ରେ 'ଯାତ୍ରା ଇନ୍ଦ୍ରମହଲ'ରେ ଜଣେ ମେଲୋଡ଼ି ଗାୟିକା ଭାବରେ ଯୋଗ ଦେଇଛନ୍ତି। ଏ ବାବଦରେ ଗୁନୁ ହସିହସି କହନ୍ତି : 'ମୁଁ ସିନା ଯାତ୍ରାରେ ମେଲୋଡ଼ି ଗାଉଛି। ହେଲେ ମୁଁ ଏ ଯାଏ ଯାତ୍ରା ସିଙ୍ଗର ହୋଇନାହିଁ। ଏପରିକି ଯାତ୍ରାକୁ କ୍ୟାରିୟର କରିବି କି ନା ସେକଥା ବି ଠିକ୍ କରିନାହିଁ। ମୋତେ ଆସନ୍ତା ସିଜନ୍ ପାଇଁ ହେବାକୁ ଥିବା ନୂଆ ଯାତ୍ରାପାର୍ଟି 'ଯାତ୍ରା ସୂର୍ଯ୍ୟମନ୍ଦିର' ପକ୍ଷରୁ ଅଫର ଆସିଥିଲେ ମଧ୍ୟ ମୁଁ ଏଯାଏ ତାହାକୁ ଗ୍ରହଣ କରିନାହିଁ।' ତେବେ ତାଙ୍କର ଯାତ୍ରାକୁ ଆସିବାର କାହାଣୀଟି ମଧ୍ୟ ବେଶ୍ ରୋଚକ। ଦିନେ ସେ ପ୍ରୋଗ୍ରାମରୁ ଫେରି ଘରେ ଥାଆନ୍ତି। ଇନ୍ଦ୍ରମହଲରୁ ଅଭିନେତା ସୌମ୍ୟ ଫୋନ୍ କଲେ। କହିଲେ, ଆମର କୋଣାର୍କ କ୍ୟାମ୍ପ ଅଛି। ତୁମେ ଆସି ମେଲୋଡ଼ି ପ୍ରୋଗ୍ରାମ କରିବ କି? ଦ୍ୱନ୍ଦ୍ୱରେ ପଡ଼ିଥିଲେ ସେ। କାରଣ ତାଙ୍କର ଆଗରୁ ଯାତ୍ରା ଅଭିଜ୍ଞତା ନଥିଲା। ତଥାପି ସେ ଗଲେ। ଯାତ୍ରା ଅଭିଜ୍ଞତାରୁ ଗୁନୁ କହନ୍ତି, ଗୋଟେ ବିଶାଳ ମଞ୍ଚରେ ଏକୁଟିଆ ଜଣେ ଗାୟିକା। ଆଗରେ ହଜାର ହଜାର ଦର୍ଶକ। ଇଏ ଗୋଟେ ନୂଆ ଅନୁଭୂତି। ତା'ପରେ ପାର୍ଟି ପକ୍ଷରୁ ଅନୁରୋଧ କରାଗଲା ବଲାଙ୍ଗୀର ଏବଂ ଖଣ୍ଡଗିରି କ୍ୟାମ୍ପ ପାଇଁ। ଉଲ୍ଲେଖଯୋଗ୍ୟ, ସେ ଏବେ ବି ଯାତ୍ରା ଇନ୍ଦ୍ରମହଲ ପାଇଁ ମେଲୋଡ଼ି ଗାଉଛନ୍ତି। ତେବେ ଆଗକୁ କ'ଣ ହେବ ସେକଥା ସମୟ କହିବ।

# ଭର୍ସାଟାଇଲ୍ ଟାହିଆ



ଭଲ କଳାକାର କିଏ? ପ୍ରକୃତ ଅଭିନେତାର ପରିଚୟ କ'ଣ? ଯଦି ଏମିତି ପ୍ରଶ୍ନ କାହା ଭିତରେ ଥାଏ ତା'ହେଲେ ପଢ଼ନ୍ତୁ ଟାହିଆଙ୍କ ଉତ୍ତର। 'ରାତିସାରା ମଞ୍ଚକୁ ଆସିବା ପାଇଁ ଇଚ୍ଛା ରଖୁଥିବା ବ୍ୟକ୍ତି କେବେ ବି ଜଣେ ସଚ୍ଚା କଳାକାର ନୁହେଁ। ରାତିରେ ପଛେ ଥରୁଟେ ସେ ମଞ୍ଚକୁ ଆସୁ। ମାତ୍ର ସେଇ ଥରକରେ ଦର୍ଶକମାନେ ତାକୁ ଦିନସାରା ମନେ ରଖନ୍ତୁ। ତା'ହେଲେ ସେ ହିଁ ହେବ ଜଣେ ସଚ୍ଚା କଳାକାର। ସେହିଭଳି ନିର୍ଦ୍ଦିଷ୍ଟ ଇମେଜ୍ ଭିତରେ ବାନ୍ଧି ହୋଇ ରହିବା କେବେ ବି ପ୍ରକୃତ ଅଭିନେତାର ପରିଚୟ ନୁହେଁ। ଅଭିନେତା ତ ସିଏ ଯିଏ ସବୁ ଚରିତ୍ରରେ ନିଜକୁ ହଜେଇ ଦେଇପାରେ। ଅଭିନୟ ତ ଅଭିନୟ। ସେଥିରେ ପୁଣି ବାଛ ବିଚାର କ'ଣ?' ସମ୍ଭବତଃ ସେଇଥିପାଇଁ ଯାତ୍ରା ଇଣ୍ଡଷ୍ଟ୍ରିରେ ଟାହିଆଙ୍କର ରହିଛି ଏକ ସ୍ୱତନ୍ତ୍ର ପରିଚୟ। ସେ ଜଣେ ଭର୍ସାଟାଇଲ୍ ଅଭିନେତା। ପଜିଟିଭ ହେଉ କି ନେଗେଟିଭ୍ - ସବୁ ଚରିତ୍ରରେ ସେ ଫିଟ୍। ଟାହିଆ ଓରଫ୍ ନିଶିକାନ୍ତ ଜେନା। ଯାଜପୁରର ବରୁଣେଶ୍ୱର ନିବାସୀ କାଶୀନାଥ ଜେନା ଏବଂ ଲବଙ୍ଗଲତା ଜେନାଙ୍କ ଏଇ ସୁପୁତ୍ର ଯାତ୍ରାକୁ ଆସନ୍ତି ୧୯୯୯ ମସିହାରେ। ଯୋଗ ଦିଅନ୍ତି 'ଉତ୍କଳ ଅପେରା'ରେ। ପ୍ରଥମ ନାଟକ 'ମୁଦି ନାହିଁ ଗୋଡ଼ କଚାଡ଼ୁ କେତେ'। ପ୍ରଥମରୁ ସେ ସଂକଳ୍ପ କରିନେଇ ଥାଆନ୍ତି ଯେ, ସେ ଜଣେ ଅଭିନେତା ହେବେ। କେବଳ ଅଭିନୟ କରିବେ। ତେଣିକି ଯେଉଁ ଚରିତ୍ର ମିଳୁଛି ମିଳୁ। ଲେଖକ, ନିର୍ଦ୍ଦେଶକମାନଙ୍କୁ ଅଛପା ରହେନି ଟାହିଆଙ୍କ ଭିତରର ପ୍ରତିଭା ଆଉ ନିଷ୍ଠାପରତା। ବାସ୍, ଆରମ୍ଭ ହୁଏ ଟାହିଆଙ୍କ ଯାତ୍ରା। 'ଉତ୍କଳ ଅପେରା'ରେ ଅଭିନୟ ଜୀବନର ଖଡ଼ି ଛୁଇଁଥିବା ଏହି ଅଭିନେତା ପରେ ପରେ 'ପଞ୍ଚଶଖା ଗଣନାଟ୍ୟ', 'ମା' ତାରିଣୀ', 'ଟାଇଗର ତାରିଣୀ', 'ତ୍ରିନାଥ ଗଣନାଟ୍ୟ', 'ରଙ୍ଗମହଲ', 'ଦର୍ଶକ ମହଲ' ଏବଂ 'କୃଷ୍ଣସୁଦାମା' ଆଦିରେ ଅଭିନୟ କରି ନିଜର କଳା ପ୍ରଦର୍ଶନ କରନ୍ତି। ତାଙ୍କ ଅଭିନୀତ ସଫଳ ତଥା ଲୋକପ୍ରିୟ ନାଟକଗୁଡ଼ିକ ମଧ୍ୟରେ ରହିଛି 'ମୋ ପ୍ରେମିକା ନିହାରିକା', 'ବିସ୍ଫୋରଣ ୨୦୧୨', 'କୁଲି ନମ୍ବର ୱାନ୍', 'ତମ ସହରକୁ ନମସ୍କାର', 'ମାଷ୍ଟର ଝିଅ', 'ରୂପାଲି ଛକ ରେପ୍ କେଶ୍', 'ପାପ ଭଲଲାଗେ ବାପ ଘରେ', 'ପୁରୀରେ ପ୍ରେମିକା କଟକରେ ସ୍ତ୍ରୀ', 'ଧର୍ମ ହଜିଗଲା ଧର୍ମଦାଣ୍ଡରେ', 'ଅଙ୍ଗନବାଡ଼ି ଦିଦି', 'ଶବ ବୁଲୁଛି', 'ଖରାପ ଝିଅର ଗପ' ଏବଂ ଆହୁରି ଅନେକ। ତାଙ୍କୁ ସବୁଠୁ ଭଲ ଲାଗିଥିବା ନାଟକ ହେଉଛି 'ଖରାପ ଝିଅର ଗପ' ଏବଂ 'ବିସ୍ଫୋରଣ ୨୦୧୨'। କାରଣ ଏଥିରେ ଅଭିନୟ ପାଇଁ ଭରପୂର ସ୍କୋପ୍ ଥିଲା। ଯାତ୍ରା ହେଉଛି ଟାହିଆଙ୍କ ଜୀବନ। ପୁଣି ଏଇ ଯାତ୍ରାରୁ ସେ ପାଇଛନ୍ତି ତାଙ୍କର ଜୀବନସାଥୀ ଅଭିନେତ୍ରୀ ମାମା ମହାପାତ୍ରଙ୍କୁ। ଯାତ୍ରାକୁ ନେଇ ତାଙ୍କ ଭିତରେ କ୍ଷୋଭ କିଛି କମ୍ ନୁହେଁ। ବିଶେଷକରି କଳାକାରମାନଙ୍କର ବିଶୃଙ୍ଖଳା ଆଉ ପ୍ରଯୋଜକମାନଙ୍କର ମୌନବ୍ରତ ତାଙ୍କୁ ସବୁବେଳେ ବିବ୍ରତ କରେ। 'ଆମେମାନେ କଳାକାର। କଳାର ପୂଜାରୀ। କଳା ହେଉଛି ଆମକୁ ଈଶ୍ୱରଙ୍କ ବରଦାନ। ଆମେ କ'ଣ କଳା ପରିବେଷଣ ବେଳେ ଶୃଙ୍ଖଳିତ ହୋଇ ପାରିବାନି? ଆରେ, ବାହାରେ ଯିଏ ଯାହା ହେଉଛ ହୁଅ, ଯାହା କରୁଛ କର; ଅନ୍ତତଃ ଯେଉଁ ଚାରିଘଣ୍ଟା ମଞ୍ଚରେ ନାଟକ ପରିବେଷଣ କରୁଛ ସେତକ ସମୟ ତ ମନକୁ ପବିତ୍ର ରଖ। ଶୃଙ୍ଖଳିତ ହୁଅ' ବୋଲି ନିଜର ସମଧର୍ମା କଳାକାରମାନଙ୍କୁ ଅନୁରୋଧ କରନ୍ତି ଏହି ଯୁବ ଭର୍ସାଟାଇଲ୍ ଅଭିନେତା।

# ଉପହାର କାଟିଲା ସମ୍ପର୍କ



ବାହାଘରରେ ଅତିଥି ତଥା ସମ୍ପର୍କୀୟମାନଙ୍କୁ ନିମନ୍ତ୍ରଣ କରାଯାଏ ସମ୍ପର୍କକୁ ଆଗକୁ ବଢ଼େଇବା ପାଇଁ। ସେମାନେ ବି ଖାଲି ହାତରେ ଆସି ନ ଥାନ୍ତି। କିଛି ନା କିଛି ଉପହାର ଆଣି ଆସନ୍ତି। ଆଉ ତାହାକୁ ଦେଇ ସେମାନେ ବରକନ୍ୟାଙ୍କ ଆଗାମୀ ଭବିଷ୍ୟତର ଶୁଭକାମନା କରିଥାନ୍ତି। ତେବେ ବେଳେବେଳେ ଏହି ଉପହାର ହିଁ ସମ୍ପର୍କକୁ ସବୁଦିନ ପାଇଁ ଶେଷ କରିଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏଇ ଘଟଣାଟିକୁ ତାହାର ଏକ ନଜିର ଭାବରେ ନିଆଯାଇପାରେ। 'ସନ୍' ଖବରକାଗଜର ତଥ୍ୟ ଅନୁଯାୟୀ ଗୋଟିଏ ବାହାଘରକୁ ଆସି ନ ପାରି ବରର ମାମୁ ଓ ମାଇଁ ଉପହାର ପଠେଇ ଦେଇଥିଲେ। ବାହାଘର ପରେ ଉପହାର ଖୋଲାଯିବାରୁ ସେଥିରେ ୧୭୦ ପାଉଣ୍ଡର ଏକ ଚେକ୍ ଥିବା ଦେଖିବାକୁ ମିଳିଥିଲା। ଉପହାର ବାବଦକୁ ଏହା କିଛି କମ୍ ପରିମାଣ ନ ଥିଲା। ଚେକ୍‌ଟିକୁ ସେମାନେ ବ୍ୟାଙ୍କରେ ଡିପୋଜିଟ୍ କରିଦେଲେ ଓ ତାହାର ଅର୍ଥ ମଧ୍ୟ ସେମାନଙ୍କ ବ୍ୟାଙ୍କ ଖାତାକୁ ଆସିଗଲା। ତେବେ ଏଇଠି ଆରମ୍ଭ ହେଲା ସମସ୍ୟା। ଚେକ୍‌ଟି ଏନ୍‌କ୍ୟାଶ୍ ହୋଇ ବ୍ୟାଙ୍କ ଖାତାରେ ଜମା ହେବା ପରେ ମାମୁଙ୍କଠାରୁ ଏକ ପତ୍ର ଆସିଲା। ସେ ସେଥିରେ ଲେଖିଥିଲେ ଯେ, ସେ ଉପହାର ବାବଦକୁ ୧୭ ପାଉଣ୍ଡ ଦେବା କଥା। ମାତ୍ର ଭୁଲବଶତଃ ଗୋଟିଏ ଶୂନ (0) ଲେଖି ହୋଇଯାଇଛି। ତେଣୁ ସେମାନେ ୧୭ ପାଉଣ୍ଡର ଅର୍ଥ ରଖି ବଳକା ଅର୍ଥ ତାଙ୍କୁ ଫେରସ୍ତ କରିଦେବା ଉଚିତ। ଏହି ପତ୍ରଟି ପାଇବା ମାତ୍ରେ ବରପାତ୍ରଙ୍କ ମୁଣ୍ଡ ଲାଜରେ ନଇଁଗଲା। କାରଣ ତାଙ୍କର ମାମୁ ହିଁ ତାଙ୍କ ନବ ବିବାହିତା ସ୍ତ୍ରୀଙ୍କୁ ଉପହାର ଦେଇ ପୁଣି ଏଭଳି ଏକ ପତ୍ର ଲେଖିଛନ୍ତି। ବର ମା'ଙ୍କ ମୁହଁରେ ଆଉକିଛି କଥା ନ ଥିଲା। କାରଣ ତାଙ୍କ ଭାଇ ଯେ ଏଭଳି ଏକ ଛୋଟ କାଣ୍ଡ ଘଟେଇବ ସେ ଚିନ୍ତା ମଧ୍ୟ କରିପାରୁ ନଥିଲେ। ସମସ୍ତେ ନିଷ୍ପତ୍ତି ନେଲେ ଯେ, ମାମୁ ଦେଇଥିବା ସବୁତକ ଉପହାର ଅର୍ଥ ତାଙ୍କୁ ଫେରସ୍ତ କରିଦିଆଯିବ ଆଉ ସବୁଦିନ ଲାଗି ତାଙ୍କ ଘର ସହିତ ସମ୍ପର୍କ କାଟି ଦିଆଯିବ। ପରିଶେଷରେ ତାହା ହିଁ ହୋଇଥିଲା।

# ଡେଣା ଥିବା ପୋଷାକ







ମଣିଷ ସବୁବେଳେ କଳ୍ପନା ଦୁନିଆରେ ହଜିଯିବାକୁ ଭଲପାଏ। ସେଇଥିପାଇଁ ତ ସୁପରମ୍ୟାନ୍, ସ୍ପାଇଡରମ୍ୟାନ୍ ଭଳି ସୁପର୍ ପାୱାର ଥିବା ଚରିତ୍ର ସବୁବେଳେ ମଣିଷକୁ ଆକୃଷ୍ଟ କରିଆସିଛି। ତେଣୁ ଆଜିକାଲି କସ୍‌ପ୍ଲେ ବା କଷ୍ଟୁମ୍ ପ୍ଲେ ପାର୍ଟି ଲୋକପ୍ରିୟ ହେବାକୁ ଲାଗିଛି। ଯେଉଁଥିରେକି ଲୋକଙ୍କୁ ବିଭିନ୍ନ କାଳ୍ପନିକ ଚରିତ୍ରର ପୋଷାକ ପିନ୍ଧି ଆସିବାକୁ ହୋଇଥାଏ। ଏହା ଏବେ ଏକ ଟ୍ରେଣ୍ଡ ପାଲଟି ଗଲାଣି। ତେବେ ନିକଟରେ ଜଣେ ଯୁବତୀ ଚଳଚ୍ଚିତ୍ର ମେଲଫିସେଣ୍ଟରେ ଆଞ୍ଜେଲିନା ଜୋଲି ଯେମିତିଭାବେ ଡେଣାଥିବା ପୋଷାକ ପିନ୍ଧିଥିଲେ ସେହିଭଳି ପୋଷାକ ପିନ୍ଧି ଚର୍ଚ୍ଚାକୁ ଆସିଛନ୍ତି। ତେବେ ଚର୍ଚ୍ଚାର ବିଷୟ ହେଉଛି ଯେ, ସେ ତିଆରି କରିଥିବା ଏହି ପୋଷାକରେ ଲାଗିଥିବା ଡେଣାଟି ପକ୍ଷୀର ଡେଣା ଭଳି ହଲିପାରେ। ସେପୁଣି ଯେତେବେଳେ ଚାହିଁବେ ତାକୁ ହଲାଇ ପାରିବେ। ଡ୍ରିଜାନା ଲିତକେ ନାମ୍ନୀ ଏହି ଯୁବତୀ ଜଣକ ଉକ୍ତ ପରୀ ରାଇଜର କଥା ଭଳି ପୋଷାକଟିକୁ ତିଆରି କରିଛନ୍ତି। ଯେଉଁଥିରେ ବାସ୍ତବ ଲାଗୁଥିବା ଭଳି ପକ୍ଷୀର ଡେଣା ସଂଯୁକ୍ତ ହୋଇଛି। ଡେଣାରେ ଲାଗିଛି ପକ୍ଷୀର ଡେଣା ଭଳି ଅସଂଖ୍ୟ ପର। ଆଉ ସବୁଠୁ ବଡ଼ କଥା ହେଉଛି ସେ ତାକୁ ନିଜ ମନ ମୁତାବକ ଚଢ଼େଇର ଡେଣା ଭଳି ହଲାଇ ପାରନ୍ତି। ଖାସ୍‌କରି ଏହି ଡେଣା ପାଇଁ ଏବେ ସେ ସୋସିଆଲ୍ ମିଡିଆରେ ବେଶ୍ ଚର୍ଚ୍ଚିତ,ଯାହାକୁ ତିଆରି କରିବାକୁ ତାଙ୍କୁ ୧୦୦ ଘଣ୍ଟା ସମୟ ଲାଗିଥିଲା।

ବ୍ୟାକ୍ ପେଜ୍

# ମୁଣ୍ଡ ଯୁଆଡ଼େ ଛତା ସିଆଡ଼େ





ଖରା, ବର୍ଷାର ଭରସା ଛତା। ହେଲେ ବେଶି ସମୟ ଏହାକୁ ଧରିଲେ ହାତ କାଟିଥାଏ। ଏବେ ଏହି ସମସ୍ୟା ଆଉ ରହିବନି। କାରଣ ଆସିଯାଇଛି ଏମିତି ଏକ ଛତା ଯାହାକୁ ଧରିବାକୁ ପଡ଼ିବ ନାହିଁ। ଆଉ ଆପଣଙ୍କ ମୁଣ୍ଡ ଯେଉଁଠି ରହିବ ଛତା ତା' ଉପରକୁ ଆପେ ଚାଲିଯିବ। ଏହା ସବୁବେଳେ ମୁଣ୍ଡ ଉପରେ ଘୁରି ବୁଲୁଥିବା ଦେଖିବାକୁ ମିଳିବ। ଏହାର ଆଉ ଏକ ବିଶେଷତ୍ୱ ହେଉଛି ଯେ, ବାଇକ୍ ଚଳାଇବାବେଳେ ଓ ତୀବ୍ର ବେଗରେ ପବନ ହେଉଥିବା ସମୟରେ ବି ଏହାକୁ ବ୍ୟବହାର କରିପାରିବେ। ଏହା ସବୁବେଳେ ସାଙ୍ଗରେ ରହିବ। ତେବେ ଏହା ସମ୍ଭବ ହେଉଛି ଉକ୍ତ ଛତାରେ ଲାଗିଥିବା ଡ୍ରୋନ୍ ପାଇଁ, ଯାହାକୁ ମୋବାଇଲ ଦ୍ୱାରା ନିୟନ୍ତ୍ରଣ କରାଯାଇଥାଏ। ଏହାକୁ ତିଆରି କରିଛି ଜାପାନର ପ୍ଲାଷ୍ଟିକ କମ୍ପାନୀ ଅଶାହି ପାୱାର ସର୍ଭିସେସ୍। ହେଲେ ଜନଗହଳିପୂର୍ଣ୍ଣ ସ୍ଥାନରେ ଏହା ସମ୍ଭବ ନ ହୋଇପାରେ ବୋଲି ମଧ୍ୟ ଅନେକେ ମତ ପ୍ରଦାନ କରୁଛନ୍ତି।